## ସଂକ୍ଷେପରେ

### ଓଲଟା ଉଡ଼ିଲା ପତାକା



କୋଟପାଡ, ୧୬।୮ (ଡି.ଏନ୍.ଏ.): କୋଟପାଡର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ଧୁମ୍ଧାମରେ ପାଳିତ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ସ୍ଥାନୀୟ ବିଜୁ ପଟ୍ଟନାୟକ ରିଡିଂ ସେଣ୍ଟରଠାରେ ଜାତୀୟ ପତାକା ଓଲଟା ଉତ୍ତୋଳନ କରାଯାଇଥିବା ଦେଖିବାକୁ ମିଳିଥିଲା । ସେହିପରି ଘୁମୁର ପଞ୍ଚାୟତ ହର୍ଦ୍ଧୁଳି ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପତାକା ତଳକୁ ଖସିପଡିଥିବା ଦେଖାଦେଇଛି । ଏହାର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ଜାତୀୟ ପତାକାକୁ ଏଭଳି ଅସମ୍ମାନଙ୍କୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି । ଏଥିପ୍ରତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

### ବୃକ୍ଷରୋପଣ କାର୍ଯ୍ୟକ୍ରମ



ସେମିଲିଗୁଡା,୧୬।୮(ସ୍ୱ.ପ୍ର)- ସୁନାବେଡା ସାଉଥ୍ କୋ ବିଭାଗର ଏନ୍ଏସି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସହକାରୀ ଯନ୍ତ୍ରୀଙ୍କ ପରାମର୍ଶ କ୍ରମେ ବିଭାଗର ସମସ୍ତ କର୍ମଚାରୀ ଏକତ୍ରିତ ହୋଇ ଡିଭିଜନ କାର୍ଯ୍ୟାଳୟ ପରିସର ଓ ନିକଟରେ ଥିବା ପାହାଡରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଉଥ କୋ ସହକାରୀ ଯନ୍ତ୍ରୀ ଅରବିନ୍ଦ ପଣ୍ଡା, ପ୍ରଭାତ ଚୌଧୁରୀ, ସଂଗ୍ରାମ ବିଶ୍ୱାଳ, ନିଳ ଟାକିରି, ମନୋଜ ପାତ୍ର,ମାଧବ ମହାନ୍ତି, ଲକ୍ଷ୍ମୀ ପଣ୍ଡା, ପି. ପ୍ରଦିପ କୁମାର, ସନ୍ତୋଷ ପାଢୀ, ରମେଶ କୁମାର ସାହୁ, ବାଲାଜି ଓକାଲୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସେମିଲିଗୁଡା ଜେଏମଏଫସି ପରିସରରେ ବିଚାରପତି ଆଲୋକ ପଣ୍ଡା ପତାକା ଉତୋଳନ କରିବା ସହ ଚାରାରୋପଣ କରିଥିଲେ । ଗ୍ରାମ ନ୍ୟାୟାଳୟର ନ୍ୟାୟାଧିକାରି ରାଜେନ୍ଦ୍ର ପ୍ରସାଦ ଖରା, ଓକିଲ ସଂଘର ସଭାପତି ସୁରେଶ ଦାସ, ସୂର୍ଯ୍ୟ ନାରାୟଣ ପଣ୍ଡା, ପୀତାମ୍ବର ସାହୁ, ରମେଶ ସାହୁ, ଧରଣୀ ନାୟକଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହିଥିଲେ। ସେହିପରି ବନ ବିଭାଗର କାର୍ଯ୍ୟାଳୟରେ ବନ ବିଭାଗର ଅଧିକାରୀ ଜଗନ୍ନାଥ ବିଷୋୟୀ ପତାକା ଉତ୍ତୋଳନ କରିଥିଲେ ।

# ଓଡ଼ିଶାର ସାମଗ୍ରିକ ବିକାଶ ଉପରେ ଦିଆଯାଉଛି ଗୁରୁତ୍ୱ

କୋରାପୁଟ,୧୬।୮(ସ୍ୱ.ପ୍ର)

ରାଜ୍ୟ ସରକାର ଓଡିଶାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ଯାଦ୍ୱାରା ଭାରତରେ ଓଡିଶା ବିକଶିତ ରାଜ୍ୟ ଭାବେ ଉଭା ହୋଇଛି । ବିଶେଷ କରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନର ଉନ୍ନତି ନିମନ୍ତେ ବ୍ୟାପକ ପଦକ୍ଷେପ ନେଇଛନ୍ତି । କୋରାପୁଟ ପୋଲିସ ପଡିଆଠାରେ ଗୁରୁବାର ଆୟୋଜିତ ୭୩ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି । ପୂର୍ବାହ୍ନ ୯ଟା୧୫ରେ ଜିଲାପାଳ ପୋଲିସ ଗ୍ରାଉଣ୍ଡଠାରେ ପହଞ୍ଚିବା ପରେ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ଆହୁରି କହିଥିଲେ ଯେ, ସୌନ୍ଦର୍ଯ୍ୟର ଗନ୍ତାଘର କୋରାପୁଟ ଜିଲା ଦେଶର ସ୍ୱାଧିନତାରେ ପ୍ରମୁଖ ଯୋଗଦାନ ରହିଥିଲା । ଜିଲାର ଶହୀଦ ଲକ୍ଷ୍ମଣ ନାୟକଙ୍କ ସମେତ ରାଧାମୋହନ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀ,ରାଧାମୋହନ ସାହୁ ପ୍ରମୁଖ ସ୍ୱାଧିନତା ସଂଗ୍ରାମୀଙ୍କ ଅବଦାନ ଅତୁଳନୀୟ । ସେହି ମହାନ ବ୍ୟକ୍ତିଙ୍କ ବଳିଦାନକୁ କଦାପି ବୃଥାରେ ଯିବାକୁ ଦିଆଯିବ ନାହିଁ ବୋଲି କହିଥିଲେ ।



ମନ୍ତ୍ରୀ ପ୍ରେମାନନ୍ଦ ନାୟକ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ।

କୃଷିର ଉତ୍ପାଦାନ କ୍ଷେତ୍ରରେ ସଫଳତା ପାଇଥିବାରୁ ରାଜ୍ୟ ସରକାର ୫ ଥର କୃଷି କର୍ମଣ ପୁରସ୍କାର ପାଇଛି । ଶିକ୍ଷାର ବିକାଶ ନେଇ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ଲ୍ୟାପଟପ, ସାଇକେଲ ପ୍ରଦାନ କରୁଛନ୍ତି । ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ଲୋକ ମାଗଣା ସ୍ୱାସ୍ଥ୍ୟ ସୁବିଧା ପାଇପାରିଛନ୍ତି । ବିଭିନ୍ନ ଧନ୍ଦାମୁଳକ ଶିକ୍ଷା ମାଧ୍ୟମରେ ରାଜ୍ୟର ବେକାର ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ କରାଯାଇ ସେମାନଙ୍କୁ ରୋଜଗାରକ୍ଷମ କରାଯାଇପାରୁଛି । ମହିଳାଙ୍କୁ ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ଯୋଗାଇ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଜଳସେଚନ କ୍ଷେତ୍ରରେ ମଧ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଆରଆଇ ସୁବାସଚନ୍ଦ୍ର ନାୟକ ପରେଡ ପରିଚାଳନା କରିଥିଲେ । ଏଥିରେ ସମୁଦାୟ ୩୫ଟି ଦଳ ଅଂଶ ଗ୍ରହଣ କରିଥିଲେ । ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢମାନ ପ୍ରଦର୍ଶିତ କରାଯାଇଥିଲା । ସେଥିରୁ ଜିଲା ଜଳବିଭାଜିକା ମିଶନକୁ ପ୍ରଥମ, ଜଳ ଓ ପରିମଳ ବିଭାଗକୁ ଦ୍ୱିତୀୟ ଏବଂ ସର୍ବ ଶିକ୍ଷା ବିଭାଗକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି କୋଟପାଡ ଏନଏସିର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ଶ୍ରେଷ୍ଠ ନିର୍ବାହି ଅଧିକାରୀ ଭାବେ ସମ୍ମାନୀତ ହୋଇଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ବିଭିନ୍ନ ଅଧିକାରୀ ଓ କୃତୀ ଦଳକୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ପରେ ମନ୍ତ୍ରୀ ସ୍ଥାନୀୟ ମେଡିକାଲ ଓ ମଣ୍ଡଳ କାରାଗାର ଯାଇ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୁଦନ ମିଶ୍ର , କୋରାପୁଟ ବିଧାୟକ ରଘୁରାମ ପୋଡାଲ , ଜିଲା ପରିଷଦ ଅଧକ୍ଷା ତୁଳସି କିରସାନୀ. ଆରକ୍ଷୀ ଅଧୀକ୍ଷକ କୱର ବିଶାଳ ସିଂ , ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ପିଡି ଡିଆରଡିଏ ଉପଜିଲାପାଳ ଲଳିତ କୁମାର କଅଁର, ଏସଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପି ଟୋଲିଆମ୍ମା, ଜୟପୁର ସବିଡିଭିଜନ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ରବି ଶତପଥି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଟ୍ରାଫିକ ବ୍ୟବସ୍ଥା ସୁଧାର ନେଇ ସ୍ୱତନ୍ତ୍ର ଅଭିଯାନ

ଜୟପୁର, ୧୬।୮(ଡି.ଏନ.ଏ )

କୋରାପୁଟ ଜିଲାର ଜୟପୁର ଏକ ବ୍ୟସ୍ତବହୁଳ ସହର । ଏଠାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ପୋଲିସ ଏବଂ ପ୍ରଶାସନ କୌଣସି ପଦକ୍ଷପ ଗ୍ରହଣ କରୁ ନ ଥିବା ନେଇ ଅଭିଯୋଗ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଟାଉନ ପୋଲିସ ପକ୍ଷରୁ ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କ ନେତୃତ୍ୱରେ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଏକ ଅଭିଯାନ ଆରମ୍ଭ ହୋଇଛି । ସହରର ମୁଖ୍ୟରାସ୍ତା ଏବଂ ଏମ.ଜି ରୋଡରେ ଅଧିକ ଜନଗହଳି ହେଉଛି । ରାସ୍ତା ଉପରେ ଯାନବାହାନ ପାର୍କିଂ କରାଯାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଟ୍ରାଫିକ ଛକ ନିକଟରେ ସନ୍ଧ୍ୟାରେ ଘରୋଇ ବସ ପାର୍କିଂ ଏବଂ ଟ୍ୟାକ୍ସି ଷ୍ଟାଣ୍ଡର ଗାଡି ରାସ୍ତା ଉପରେ ରହୁଥିବାରୁ ସମସ୍ୟା ଦେଖାଦେଉଛି । ଏଠାରେ କିପରି ଟ୍ରାଫିକ୍ ସମସ୍ୟା ଦେଖା ନ ଦେବ ସେ ନେଇ ଚେଷ୍ଟା କରାଯିବ। ଏଥିଲାଗି ସହରବାସୀଙ୍କ ସହାୟତା ଆବଶ୍ୟକ ରହିଛି । ଆବଶ୍ୟକ ସ୍ଥଳେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଗିଧି ପ୍ରକାଶ କରିଛନ୍ତି ।

# ପୁରାତନ ଛାତ୍ରଙ୍କ ଦ୍ୱାରା ଗ୍ୟାସ୍ ପ୍ରଦାନ



ବିଧବାଆଶ୍ରମ ସଦସ୍ୟଙ୍କ ସହ ପୁରାତନ ଛାତ୍ରୀଛାତ୍ର ।

ଚାନ୍ଦିଲି (କୋଟପାଡ଼), ୧୬।୮ (ଡ଼ି.ଏନ.ଏ)

ସ୍ୱାଧୀନତା ଦିବସ ଅବସରରେ କୋଟପାଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦୧୦ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରମାନେ କୋଟପାଡ଼ ମିଶନ କମ୍ପାଉଣ୍ଡ ସ୍ଥିତ ବିଧବାଶ୍ରମରେ ରନ୍ଧନ ଗ୍ୟାସ ଏବଂ ଚୁଲ୍ଲା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧବାଶ୍ରମର ପରିଚାଳିକା ନଳିନୀ କୁମାରୀ ବାଗ ଏବଂ ଲିନା ଧାନଫୁଲଙ୍କ ସମେତ ଅନ୍ତେବାସିନୀମାନେ ଉପସ୍ଥିତ ଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କ ଏଭଳି କାର୍ଯ୍ୟକୁ ଆଶ୍ରମ କାର୍ଯ୍ୟକର୍ତ୍ତା, ଅନ୍ତେବାସିନୀ ଏବଂ ସାଧାରଣ ଲୋକେ ପ୍ରଶଂସା କରଛନ୍ତି । ପୁରାତନ ଛାତ୍ରୀଛାତ୍ରଙ୍କ ମଧରେ ହିମାଂଶୁ ରଞ୍ଜନ ମହାନ୍ତି, ଇନ୍ଦୁଭୂଷଣ ବେହେରା, ମାନସ ସ୍ୱାଇଁ, ଶ୍ୱେତା ସେଠୀ, ସ୍ନିଗ୍ଧା ମହାପାତ୍ର, ରଞ୍ଜୀତ ତ୍ରିପାଠୀ, ହିମାଂଶୁ ଶାସମଲ, ପରେଶ ପରିଡା, ଶୁଭେନ୍ଦୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ପୁରାତନ ଛାତ୍ର ଗୋଷ୍ଠୀ ପୂର୍ବରୁ ଫନି ଓ କେରଳ, ଆସାମ ବାତ୍ୟା ପୀଡିତାଙ୍କ ଉଦ୍ଦେଶ୍ୟରେ ସହଯୋଗ ରାଶି ପ୍ରେରଣ କରିଥିଲେ ।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ଜୟପୁର,୧୬।୮(ନି.ପ୍ର/ଡ଼ି.ଏନ.ଏ)

ଜୟପୁର ମୁଖ୍ୟ ରାସ୍ତାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଜୟପୁର ଉପଜିଲାପାଳ ଲୋକନାଥ ଦଳ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ପରେଡ଼ରେ ଅଭିଭାଦନ ଗ୍ରହଣ କରିଥିଲେ । ସ୍ୱାଧିନତା ଦିବସରେ ସମସ୍ତେ ବିକାଶଶୀଳ ଦେଶ ଗଠନ କରିବାକୁ ସଂଙ୍କଳ୍ପ ନେବା ଲାଗି ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏସଡିପିଓ ସାଗରିକା ନାଥ ଯୋଗ ଦେଇଥିଲେ । ପରେଡ଼ରେ ୫୦ଟି ଦଳ ଭାଗ ନେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରଶାସନ ତରଫରୁ ଜିଲା ଚିକିତ୍ସାଳୟ , ଅନାଥଶ୍ରମ, ବୃଦ୍ଧା ଶ୍ରମ, ଜେଲ ରେ ମିଷ୍ଟାନ ବଣ୍ଟନ କରାଯାଇଥିଲା। ସେହିପରି ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ଏଥିରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପୁସ୍ତକ ଉନ୍ମୋଚନ ହୋଇଥିଲା । କଂଗ୍ରେସ ତରଫରୁ ମଧ୍ୟ ଚିକିତ୍ସାଳୟ ଓ ଅନାଥାଶ୍ରମରେ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିନୋଦ ମହାପାତ୍ର, ଅଜିତ ସାନ୍ତ୍ରାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ମହାଦ୍ୟାଳୟ ଅଧ୍ୟକ୍ଷ ବିବେକା ନନ୍ଦ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶିବ ପ୍ରସାଦ ଜେନା. ମନୋରଞ୍ଜନ ପ୍ରଧାନ, ଡମ୍ବୁର ଧର ଦାସ , ଅତିଥି ଅଧ୍ୟାପକ ରଶ୍ମିତା ସ୍ୱାଇଁ, ସନ୍ତୋଷ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଅରବନ୍ଦ ନଗର ଶିଶୁ ମନ୍ଦିରରେ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ମିନକେତନ ପରିଛା ପତାକା ଉତ୍ତୋଳନ କରିଥିଲେ । କୋଷାଧ୍ୟକ୍ଷ ଗୋରାଙ୍ଗ ପାଣିଗ୍ରାହୀ, ଶିକ୍ଷା ବିକାଶ ସମିତି ରାଜ୍ୟ ହିସାବ ସମିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ , ପ୍ରଧାନ ଆଚାଯ୍ୟ ଲକ୍ଷ୍ମୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।



ପରେଡ଼ରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

## ଈଶ୍ୱରଚନ୍ଦ୍ର ହେଲେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ

କୋରାପୁଟ,୧୬।୮(ସ୍ୱ.ପ୍ର)

କୋରାପୁଟ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ଶୁକ୍ରବାର ରାଜ୍ୟସରକାର ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ସୁଚନାଥାଉ କି ଯେ, ପାଣିଗ୍ରାହୀଙ୍କ ନେତୃତ୍ୱରେ ଗତ ସାଧାରଣ ନିର୍ବାଚନରେ ଜିଲାରେ ୫ଟି ବିଧାନସଭା ଆସନରୁ ୪ଟି ବିଜେଡି ଦଖଲ କରିଥିଲା । ଏଥିସହ ଜିଲାରେ ବିଜେଡି ଦଳକୁ ଅଧିକ ମଜଭୁତ କରିପାରିଥିଲା । ସେହିପରି ପାଣିଗ୍ରାହୀ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଭାବେ ସଫଳତା ସହ କାର୍ଯ୍ୟ କରିଆସୁଥିଲେ । ଈଶ୍ୱର ରାଜ୍ୟ ବିହନ ନିଗମର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଶୁକ୍ରବାର କୋରାପୁଟଠାରେ ଈଶ୍ୱରଙ୍କୁ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପୋଡାଲ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରର୍ସାନୀଙ୍କ ସମେତ ବହୁ ବିଜେଡି ନେତା ଓ ଶୁଭେଚ୍ଛୁ ଭେଟି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି ।

# ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ କ୍ରୟକୁ ଚାଷୀଙ୍କ ବିରୋଧ

ଜୟପୁର,୧୬।୮(ନି.ପ୍ର)

ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତବାସୀ ଆଗାମୀ ଖରିପ ଋତୁରେ ଧାନ ଲ୍ୟାମ୍ପ ମାଧ୍ୟମରେ କ୍ରୟ ନ କରି ପ୍ରଶାସନ ତରଫରୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟମରେ କ୍ରୟ କରିବାକୁ ସ୍ଥିର ହୋଇଛି । ଏହାକୁ ବିରୋଧ କରି ଚାଷୀମାନେ ଜୟପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ବାଲିଗାଁ ପଞ୍ଚାୟତରେ ଆଗାମୀ ଖରିପ ଋତୁରେ ପ୍ରଶାସନ ରଫରୁ ଧାନ କ୍ରୟ କରାଯିବାକୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଯୁକ୍ତ କରାଯିବାକୁ ସ୍ଥିର ହୋଇଛି । ଉକ୍ତ ପ୍ରସ୍ତାବକୁ ଚାଷୀମାନେ ଦୃଢ ବିରୋଧ କରିଛନ୍ତି । କାରଣ ଏଥିରେ କୌଣସି ସରକାରୀ କର୍ମଚାରୀ ସମ୍ପୃକ୍ତ ରହୁ ନ ଥିବାରୁ ମଣ୍ଡିରେ ଅବ୍ୟବସ୍ଥା ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିଗତ ଦିନରେ ପାଣି ପଞ୍ଚାୟତ ମାଧ୍ୟମରେ ଧାନ କ୍ରୟ କରାଯାଇଥିଲା। ଏହିଭଳି ବ୍ୟବସ୍ଥାରେ ନାନା ସମସ୍ୟା ଦେଖାଦେଇଥିଲା । ଏଥିରେ ଗଣ୍ଡଗୋଳ ସହ ମାରପିଟ୍ ଓ ଧାନ କ୍ରୟରେ ହେରଫେର ମଧ୍ୟ ହୋଇଥିଲା । ତେଣୁ ପ୍ରଶାସନ ପୁଣି ଲ୍ୟାମ୍ପ ମାଧ୍ୟମରେ କରା ନ ଯାଇ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନକ୍ରୟ କରାଗଲେ ଅନେକ ପ୍ରକାର ସମସ୍ୟା ଦେଖାଦେବା ସହ ଅସନ୍ତୋଷ ବଢ଼ିବ ବୋଲି ଗ୍ରାମବାସୀ ଯୁକ୍ତି ବାଢିଛନ୍ତି। ଏଥିସହ ଲ୍ୟାମ୍ପ ମାଧ୍ୟମରେ ହିଁ ଧାନ କ୍ରୟ କରାଯିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ବାଲିଗାଁ ସରପଞ୍ଚ ରତ୍ନା ନାୟକ, ସମିତିସଭ୍ୟା ମୋତୀ ନାୟକ, ନରେନ୍ଦ୍ର ଖଣ୍ଡୁଆଳ, ଧନୀରାମ ନନ୍ଦି, କୁରୁକ୍ଷେତ୍ରୀ ନାୟକ, ଧନିଆ ହରିଜନ, ଗୋପୀନାଥ ଗଲାନି, ଗୁପ୍ତ ହରିଜନ, ଗୁରୁନାଥ ତଲ୍ୟା ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ଉଡ଼ିଲା ଜାତୀୟ ପତାକା

କୋରାପୁଟ/ସୁନାବେଡ଼ା/ଦାମନଯୋଡ଼ି/ କୋଲାବନଗର/ ଦଶମନ୍ତପୁର/ କୋଟପାଡ଼ ,୧୬।୮(ସ୍ୱ.ପ୍ର/ଡ଼ି.ଏନ.ଏ)

କୋରାପୁଟ ସହରର ବିଭିନ୍ନ ସ୍ଥାନରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ପ୍ରେସକ୍ଲବଠାରେ ଆୟୋଜିତ ଉତ୍ସବରେ କ୍ଲବର ସଭାପତି ଭବାନି ଶଙ୍କର ମିଶ୍ର ପତାକା ଉତ୍ତୋଳନ କରିଥିଲେ। ସେହିପରି ସୁନାବେଡ଼ାସ୍ଥିତ ଅଗ୍ନି ଗଙ୍ଗା ମା’ ଟ୍ୟାକ୍ସି ଚାଳକ ସଂଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ଏଥିରେ ପୌରପରିଷଦ ଅଧିକାରୀ ସ୍ୱସ୍ତିକ୍ ଯାମେଦାର ଓ ସଭାପତି ନୀଳକଣ୍ଠ ରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ହାଲସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ମଜଦୁର ସଂଘରେ ସଭାପତି ପ୍ରଦୀପ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ । ମ୍ୟୁନିସିପାଲିଟି ଅଫିସରେ କାର୍ଯ୍ୟନିବାହୀ ଅଧିକାରୀ ସ୍ୱସ୍ତିକ ଯାମେଦାର, ହାଲସ୍ଥିତ ଡ଼ିଏଭି ହାଇସ୍କୁଲଠାରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ପୃଷ୍ଟି ପତାକା ଉତ୍ତୋଳନ କରିଥିଲେ । ସେହିପରି ଦାମନଯୋଡ଼ିସ୍ଥିତ ନାଲ୍କୋ ଟାଉନଶିପ୍ ସେକ୍ଟର –୩ ସ୍ଥିତ ନେତାଜୀ ଷ୍ଟାଡ଼ିୟମରେ ନାଲ୍କୋ ସିଏମଡ଼ି ପତାକା ଉତ୍ତୋଳନ କରିଥିଲେ । ସେହିପରି କୋଲାବନଗରସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପୁରାତନ ସଦସ୍ୟ ଜିତେନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ । ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଆଶିଷ କୁମାର ପାଢୀ, ସ୍ଥାନୀୟ ଅପରକୋଲାବ ଯୋଜନା କର୍ମଚାରୀ ଓ ଶ୍ରମିକ ସଂଗଠନର ସଭାପତି ଦିନେଶ କୁମାର ମହାନ୍ତି, ବରିଷ୍ଠ ନାଗରିକ ସଂଗଠନରେ ସମ୍ପାଦକ ସତ୍ୟନାରାୟଣ ଦଳାଇ, ବିଜେଡ଼ି କାର୍ଯ୍ୟାଳୟରେ ଜିଲା ପରିଷଦ ଅଧ୍ୟକ୍ଷା ପାର୍ବତୀ ମଣ୍ଡି , ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଲଳିତ ବଡ଼ନାୟକ ପତାକା ଉତ୍ତୋଳନ କରିଥିଲେ । ଦଶମନ୍ତପୁର ବ୍ଲକର ଶିକ୍ଷା ବିଭାଗରେ ଏବିଇଓ ତାରିଣୀସେନ ମୁଣ୍ଡା ପତାକା ଉତ୍ତୋଳନ କରିଥିବାବେଳେ କଗ୍ରେସ କାର୍ଯ୍ୟାଳୟରେ ଉପସଭାପତି ହେମନ୍ତ ଖରା, ବିଜେଡି କାର୍ଯ୍ୟାଳୟରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋଇ, ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ସୁନାମଣି ମୁଦୁଲି, ସ୍ୱାସ୍ଥ୍ୟକେନ୍ଦ୍ରରେ ଡଃ ଜେ.ଜେ. ଜେନା, ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ତ୍ରିନାଥ ପାତିକା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅଜୟ ପ୍ରକାଶ ତିର୍କି, ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବଳରାମ ମୁଦୁଲି ପତାକା ଉତ୍ତୋଳନ କରିଥିଲେ । ସେହିପରି ପଶୁ ଚିକିତ୍ସା କାର୍ଯ୍ୟାଳୟରେ ଭି.ଏସ୍. ଚିନ୍ମୟ ଶ୍ରୀଚନ୍ଦନ ସାହୁ, କୋର୍ଟରେ ଜଜ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀ, ଆରଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟରେ ଜେ.ଇ.ଆଇ ଧର୍ମେନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ । ଏଥିସହ ବ୍ଲକ ସ୍ତରୀୟ ଆରକେଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳପଡିଆଠାରେ ବିଡ଼ିଓ ଡମ୍ବରୁଧର ମଲିକଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ୯ଟି ଦଳ ପରେଡ଼ ପ୍ରଦର୍ଶନ କରିଥିଲେ । କୋଟପାଡ ଅଞ୍ଚଳରେ ସ୍ୱାଧୀନତା ଦିବସ ଧୁମ୍ଧାମରେ ପାଳିତ ହୋଇଥିବାବେଳେ କେତେକ ସ୍ଥାନରେ ପତାକା ଉତ୍ତୋଳନ ହେବାରେ ବ୍ୟତିକ୍ରମ ଦେଖାଦେଇଥିଲା ।। କୋଟପାଡ ସହର ମୁଖ୍ୟ ଗାନ୍ଧିଛକରେ ବ୍ଲକ ଶିକ୍ଷା ଅଧିକାରୀ ବିଚିତ୍ରାନନ୍ଦ ସେଠୀ,ତହସିଲ କାର୍ଯ୍ୟାଳୟରେ ତହସିଲଦାର ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ପୌରପରିଷଦ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠୀ ପତାକା ଉତ୍ତୋଳନ କରିଥିଲେ । ଭୈରବ ପଡ଼ିଆରେ ଆୟୋଜିତ ସ୍ୱାଧୀନତା ଦିବସରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ।

## ■ ପୋଲିସର ଗିରଫଦାରିକୁ ବିରୋଧ

# ଯନ୍ତ୍ରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ପଟ୍ଟାଙ୍ଗି,୧୬।୮(ଡି.ଏନ.ଏ)



ଯନ୍ତ୍ରୀମାନେ ବିଡିଓ ଦାବିପତ୍ର ପ୍ରଦାନ କରାଯାଉଛି ।

ପୋଲିସର ଏକତରଫା ଗିରଫଦାରୀକୁ ବିରୋଧ କରି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ବ୍ଲକର ଯନ୍ତ୍ରୀମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ ଚଳାଇଛନ୍ତି । ପୋଲିସର ଏପରି କାର୍ଯ୍ୟକୁ ନିନ୍ଦା କରିଛନ୍ତି । ପରେ ଜିଲାପାଳ ଏବଂ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ୨ ଦାବି ପତ୍ର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣା କର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି ।

ଗତ ୧୪ ତାରିଖରେ ଜିଲାର ବନ୍ଧୁଗାଁ ବ୍ଲକର ଝଞ୍ଜାବତୀ ନଦୀ ନିକଟ ପାହାଡରୁ ମାଟି ଅତଡ଼ା ଧସି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୋଲିସ ଠିକ ଭାବେ ତଦନ୍ତ ନ କରି ମାଟି ଉଠାଇବା କାର୍ଯ୍ୟରେ ଲାଗିଥିବା ଠିକାଦାରଙ୍କୁ ସୁରକ୍ଷା ଦେଇ ବ୍ଲକର ଏଇ ଅପଗ୍ରେଡ ଲମ୍ବୋଦର ନାୟକଙ୍କୁ ଗିରଫ କରାଯାଇଥିଲା । ଏହି ଗିରଫଦାରୀକୁ ଜିଲାର ସମସ୍ତ ବ୍ଲକସ୍ତରରେ କାର୍ଯ୍ୟରତ ଯନ୍ତ୍ରୀମାନେ ବିରୋଧ କରିଛନ୍ତି । ଏହାର ପ୍ରତିବାଦରେ ପଟ୍ଟାଙ୍ଗି ବ୍ଲକର ସମସ୍ତ ଯନ୍ତ୍ରୀ କାର୍ଯ୍ୟବନ୍ଦ କରି ଜିଲାର ଉପରୋକ୍ତ ଦୁଇ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ବ୍ଲକର ଯନ୍ତ୍ରୀ ବିଜୟା କୁମାର ନନ୍ଦ , ରଞ୍ଜିତ ଖୋସ୍ଲା , ଅଜୟ ରାମ ତରାଇ , ବିସ୍ମିତା ନାୟକ , ବିଭୁ ଦତ୍ତ ଦାଶ , ବାସୁଦେବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଯନ୍ତ୍ରୀଙ୍କ ଗିରଫଦାରୀକୁ ବିରୋଧ କରୁଥିବା ଗ୍ରାମବାସୀ କଂଗ୍ରେସର ହୋଇଥିବା ବେଳେ ଠିକାଦାର ଜଣକ ବିଜେଡ଼ିର ।। ଯାହାକି ରାଜନୀତି ପସାପାଲିରେ ସରକାରୀ ଯନ୍ତ୍ରୀଙ୍କୁ ଫସେଇ ଦିଆଯାଇଥିବା ବେଳେ ପୋଲିସ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଯନ୍ତ୍ରୀ ମାନେ ଅଭିଯୋଗ କରିଛନ୍ତି ।

## ସଂକ୍ଷେପରେ

### ଦେଓବନ୍ଧ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମାଓବାଦୀ ବ୍ୟାନର



ନବରଙ୍ଗପୁର,୧୬।୮(ବି.ପ୍ର.)-ସ୍ୱାଧୀନତା ଦିବସରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦେଓବନ୍ଧ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମୁଖ୍ୟ ଫାଟକରେ ଗୁରୁବାର ମାଓବାଦୀ ବ୍ୟାନର ଦେଖିବାକୁ ମିଳିଛି। ମାଓବାଦୀ ମାନେ ଲାଲ ରଙ୍ଗର ବ୍ୟାନର ମାଧମରେ ଅଗଷ୍ଟ୧୫ କୁ କଳାଦିବସ ଭାବେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀ ମାନଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ଜଙ୍ଗଲ ଜମି ଛଡ଼ାଇ ନିଆଯାଉଛି ବୋଲି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥିଲା।

### ବ୍ୟାପକ ପରିମାଣର ପଲିଥିନ ଜବତ

୭୬ ହଜାର ୯୨୦ଟଙ୍କା ଜବତ



ନବରଙ୍ଗପୁର,୧୬।୮(ବି.ପ୍ର.)- ନବରଙ୍ଗପୁର ପୌର ସଂସ୍ଥା ପକ୍ଷରୁ ପାରସ ଏଣ୍ଟରପାଇଜେସ ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ପଲିଥିନ ଓ ଥର୍ମୋକୁଲ ଜବତ କରାଯାଇଛି । ଉପଜିଲାପାଳ କରୁଣାକର ରାଇକା, ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ସାନିଟାରୀ ଇନସ୍ପେକ୍ଟର ଅଶୋକ ନାୟକ, ଦେବାଶିଷ ପ୍ରହରାଜ, ସାଗର ମହାପାତ୍ର, ସୁଧିର ତ୍ରିପାଠୀ ସମେତ ଏଏସ୍‌ଆଇ ବଟ କୃଷ୍ଣ ଗୌଡ଼ ଚଢାଉରେ ସାମିଲ ଥିଲେ । ତେବେ ଜୁଲାଇ ଓ ଅଗଷ୍ଟ ମାସରେ ବିଭିନ୍ନ ଦୋକାନ ଗୁଡିକ ଚଢାଉ କରାଯାଇ ୧୮୩କେଜି ୨ଶହ ଗ୍ରାମ ପଲିଥିନ୍ ଜବତ କରାଯିବା ସହ ୭୬ ହଜାର ୯୨୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି ।

### ସ୍ୱାଧୀନତା ଦିବସରେ ଚାରାରୋପଣ



ରାଇଘର, ୧୬।୮ (ଡି.ଏନ୍.ଏ.) - ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। ରାଇଘର ଜେଏମ୍‌ଏଫ୍‌ସି ଆଶିଷ କୁମାର ପରିଛା, ତହସିଲଦାର ତଥା ବିଡିଓ ଦେବୀପ୍ରସାଦ ତାଲି ବନ ବିଭାଗର ମିଳିତ ସହଯୋଗରେ ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ରାଜୀବ ସ୍ମୃତି ଉଚ୍ଚ ବାଳିକା ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ରାଇଘର ତହସିଲ କାର୍ଯ୍ୟାଳୟ ପରସରରେ ଚାରାରୋପଣ କରାଯାଇଥିଲା। ଏଥିରେ କୋର୍ଟ ଓ ବ୍ଲକ୍‌ର ସମସ୍ତ କର୍ମଚାରୀଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ସାମିଲ୍ ହୋଇ ୧୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ।

### ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ
### ଆରକ୍ଷୀ ଏକାଦଶ ବିଜୟୀ

ମାଲକାନଗିରି,୧୬।୮ (ଡି.ଏନ.ଏ.)- ୭୩ତମ ସ୍ୱାଧୀନତା ଦିବସ ଅବସରରେ ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଡିଏନକେ ଖେଳ ପଡ଼ିଆଠାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଆରକ୍ଷୀ ଅଧୀକ୍ଷକ ଏକାଦଶ ଓ ଆଇନଜୀବୀ ଏକାଦଶ ମଧ୍ୟରେ ହୋଇଥିଲା । ଏଥିରେ ଆରକ୍ଷୀ ଏକାଦଶ ଆଇନଜୀବୀ ଏକାଦଶକୁ ୨ ଗୋଲରେ ପରାସ୍ତ କରିଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚ ଜିଲାପାଳ ଏକାଦଶ ଓ ମିଡ଼ିଆ ଏକାଦଶ ମଧ୍ୟରେ ହୋଇଥିଲା । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ କରି ନ ପରିବାରୁ ପେନାଲଟି ସୁଟ ଆଉଟରେ ୫-୪ ଗୋଲରେ ମିଡ଼ିଆ ଏକାଦଶ ବିଜୟୀ ହୋଇଥିଲା । ପରେ ଫାଇନାଲ ମ୍ୟାଚ ମିଡ଼ିଆ ଏକାଦଶ ଓ ଆରକ୍ଷୀ ଏକାଦଶ ମଧ୍ୟରେ ହୋଇଥିଲା । ସୁବ୍ରତ ମଲ୍ଲିକ ମ୍ୟାଚ ପରିଚାଳନା କରିଥିଲେ ।

---

■ ପ୍ରଶାସନ ହେଲା ସାହା

# ଅସହାୟ ଶିଶୁ ହେବେ ଥଇଥାନ

**ଧରିତ୍ରୀର ପ୍ରଭାବ**

ନବରଙ୍ଗପୁର,୧୬।୮(ବି.ପ୍ର.)

'କଅଁଳ ବୟସରରେ ଦାଉ ସାଜିଛି ଭାଗ୍ୟ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ୩ଟି ପରିବାରର ଅସହାୟ ଶିଶୁଙ୍କୁ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ନବରଙ୍ଗପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ଦିବାର ବାହୁକ, ସଭ୍ୟା ମିନତି ମହାପାତ୍ର, ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳ, ପିଇଓ ସି.ଏଚ. ତ୍ରୁଷି ଓ ଶିକ୍ଷକ ବସନ୍ତ ବେନିଆ ସିନ୍ଧିଗାଁ ପଞ୍ଚାୟତର ସାଉନିଗୁଡ଼ା ଗାଁ ନିକଟ କର୍ଲିଆଗୁଡ଼ା ପହଁଞ୍ଚଇଥିଲେ । ସେଠାରେ ଅଧିକାରୀମାନେ ଅସହାୟ ଶିଶୁମାନଙ୍କୁ ଭେଟିବା ସହ ଗ୍ରାମବାସୀ ଓ ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ । ସ୍କୁଲରେ ସେମାନଙ୍କ ନାମ ଲେଖା ହୋଇଛି କି ନାହିଁ ବିଦ୍ୟାଳୟର ଉପସ୍ଥାପନ ମଧ ଦେଖିଥିଲେ । ବର୍ଷେ ବ୍ୟବଧାନରେ ମା' ଡମ୍ବୁଣି ଭତରା ବାପା ପଦ୍ମନ ଭତରା ଆର ପରିକୁ ଚାଲିଯିବା ପରେ ୩ ଛୁଆ ଏବେ ଅସହାୟ। ବଡ଼ ଝିଅ ସମାରୀ(୧୫)ର କଅଁଳ କାନ୍ଧରେ ସନ ଭଉଣୀ ଓ ଭାଇଙ୍କ ଦାୟିତ୍ୱ। ଏମାନଙ୍କ ପାଇଁ ସରକାରୀ ସହୟତା ପାଇବା ସ୍ୱପ୍ନ ଥିଲା।

ସନ୍ତସନ୍ତିଆ ଚାଳଛପରେ ଘରେ ତିନି ଭଉଣୀ ଭାଇ କଷ୍ଟରେ ଦିନ କାଟୁଛନ୍ତି। ସମାରୀ କୁଲି ମଜୁରି କରି ଭଉଣୀ ଭାଇଙ୍କ ପେଟକୁ ଆହାର ଯୋଗାଉଛି। ଏହା ଅଧିକାରୀମାନେ ଦେଖି ସମାରୀକୁ ନବରଙ୍ଗପୁର ମାଝିଗୁଡ଼ାସ୍ଥିତ ଦୀନ ଦୟାଲ କନ୍ୟାଶ୍ରମରେ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସିନ୍ଧିଗାଁ



ଅସହାୟ ଶିଶୁଙ୍କ ସହ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ଶିଶୁ କଲ୍ୟାଣ ଅଧିକାରୀ ଓ ବିଡିଓ ।

**ମିଳିବ ସରକାରୀ ସହାୟତା**

ଶହେଶଯ୍ୟା ବିଶିଷ୍ଟ ଆଶ୍ରମ ବିଦ୍ୟାଳୟରେ ଭାଇ ଡମ୍ବରୁଙ୍କୁ ଓ ବେତାଳ କନ୍ୟାଶ୍ରମରେ ସାନ ଭଉଣୀ ଦ୍ରୌପଦୀଙ୍କୁ ଥଇଥାନ କରି ପାଠ ପଢା ସୁବିଧା କରାଯିବ। ଗ୍ରାମର କେତେକ ଛାତ୍ରୀ ଛାତ୍ର ଉକ୍ତ ଆଶ୍ରମ ବିଦ୍ୟାଳୟରେ ରହୁଥିବାରୁ ସେଠାରେ ଛାଡ଼ିଲେ ସୁବିଧା ହେବବୋଲି ଗ୍ରାମବାସୀ କହିଥିଲେ।

ଏହି ଗ୍ରାମର ଅନ୍ୟ ଏକ ପରିବାର ଡମ୍ବରୁ ଭତରା ଓ ପୂର୍ଣ୍ଣୀ ଭତରାଙ୍କ ମୃତ୍ୟୁ ପରେ ଦୁଇ ଝିଅ ଓ ପୁଅ ଏବେ ଅସହାୟ ଅବସ୍ଥାରେ ରହିଛନ୍ତି। ବଡ ଝିଅ ସଞ୍ଜିତା ଭାତ୍ରା ୫ମ ଓ ପୁଅ ଲକ୍ଷ୍ମୀକାନ୍ତ ସାଉନିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପଢୁଥିବାବେଳେ ୩ବର୍ଷର ଝିଅ ସୁଷମା ଏବେ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛି। ମା' ବାପାଙ୍କ ବିୟୋଗ ପରେ ଏବେ ତିନି ଭଉଣୀ ଭାଇ ମାମୁ ଇନ୍ଦ୍ର ମାଝୀଙ୍କ ଭରଷାରେ ବଞ୍ଚୁଛନ୍ତି। ଏମାନଙ୍କ ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିବା ପରେ ଶିଶୁମାନଙ୍କୁ ଆଉ ଦୁଇ ତିନିବର୍ଷ ପରେ ଆଶ୍ରମ ବିଦ୍ୟାଳୟରେ ଛାଡ଼ିବା ପାଇଁ ମାଇଁ ମାମୁ କହିଥିଲେ। ତେଣୁ ସେମାନଙ୍କୁ ମାମୁଙ୍କ ଘରେ ରହିବାକୁ ଅନୁମତି ଦିଆଯାଇଛି । । ସୂଚନାଯୋଗ୍ୟ ଯେ, ମା' ପୂର୍ଣ୍ଣୀ ୨୦୧୭ ଏବଂ ବାପା ଡମ୍ବରୁଙ୍କ ୨୦୧୮ରେ ରୋଗାକ୍ରାନ୍ତ ଯୋଗୁ ମୃତ୍ୟୁ ହୋଇଥିଲା।

ସେହିପରି ସାଉନିଗୁଡ଼ା ଗାଁର ଚନ୍ଦ୍ରା ଭତରାଙ୍କ ଝିଅ ବିମଳା ଝିଅକୁ ଜନ୍ମଦେବାପରେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଅସହାୟ ଶିଶୁ ଅମେଶ୍ୱରୀଙ୍କୁ ଅଜା ଚନ୍ଦ୍ରା ଓ ଆଈ ନାତୁଣୀକୁ ନିଜ ପାଖରେ ରଖିଛନ୍ତି। ନାତୁଣୀ ଏବେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉଛି । ତେବେ ନାତୁଣୀର ପାଠ ପଢା ପାଇଁ ପ୍ରଶାସନ ସହାୟତା ଲୋଡ଼ିଥିଲେ ଅଜା। ପ୍ରଶାସନ ଦୁଇ ଅସହାୟ ଶିଶୁଙ୍କୁ ଶିଶୁ ସୁରକ୍ଷା ଯୋଜନାରେ ମାସିକ ୨ହଜାର ଟଙ୍କା ଲେଖାଏ ଗୋଟିଏ ବର୍ଷ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛି।

ତିନି ପରିବାରର ପରିସ୍ଥିତିକୁ ଅଧିକାରୀମାନେ ଅନୁଧ୍ୟାନ କରିବା ପରେ କର୍ଲିଆଗୁଡା ଗାଁର ମାଆ ବାପା ଛେଉଣ୍ଡ ସମାରୀ, ଡମ୍ବରୁ ଓ ଦ୍ରୌପଦୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବିଜୁ ପକ୍କାଘର, ରାଶନ କାର୍ଡ ଯୋଗାଇଦେବା ସହ ଆବଶ୍ୟକ ସରକାରୀ ସୁବିଧା ଯୋଗାଇ ଦିଆଯିବବୋଲି ବିଡିଓ କହିଛନ୍ତି। ଏହା ବ୍ୟତୀତ ମାମୁ ଘରେ ଓ ଅଜା ଆଈ ନିକଟରେ ଥିବା ଶିଶୁ ମାନେ କିଭଳି ରହୁଛନ୍ତି ସେ ନେଇ ପିଇଓଙ୍କୁ ନିୟମିତ ବ୍ୟବଧାନରେ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉଥିବାରୁ ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀ ଶିଶୁମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖନୀୟ ବିଷୟ ଏହିକି ଯେ, ଧରିତ୍ରୀରେ ଏହି ଖବର ପ୍ରକାଶିତ ହେବା ପରେ ବରଗଡ଼ ଜିଲା ପାଇକମାଳ ବ୍ଲକ୍ ଟେମରା ଗାଁର ସ୍ୱେଚ୍ଛାସେବୀ ଦୀପା ବାରିକ ମୁଖ୍ୟମନ୍ତ୍ରୀ, ମହିଳା ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଓ ନବରଙ୍ଗପୁର ଜିଲାପାଳଙ୍କୁ ଗୁରୁବାର ଟୁଇଟ୍ କରି ସରକାରୀ ସହାୟତା ଓ ଥଇଥାନ ପାଇଁ ଅନୁରୋଧ କରିଥିଲେ।

---

# ସ୍ୱାଧୀନତା ଦିବସରେ ଗାନ୍ଧିଜୀଙ୍କୁ ଅସମ୍ମାନ

ଚନ୍ଦାହାଣ୍ଡି, ୧୬।୮(ଡି.ଏନ୍.ଏ.)

ସ୍ୱାଧୀନତା ଦିବସରେ ଦେଶ ସ୍ୱାଧୀନ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କୁ ମନେ ପକାଇଥାନ୍ତି। ଜାତୀୟ ପତାକା ଉତ୍ତୋଳନ ପରେ ସେମାନଙ୍କ ବଳିଦାନର କଥା ଚର୍ଚ୍ଚା ହୋଇଥାଏ। ମାତ୍ର ସ୍ୱାଧୀନତା ସଂଗ୍ରାମର ପୁରୋଧା ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରେ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ବିଡିଓ ଦେବେନ୍ଦ୍ର ପ୍ରସାଦ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ସମସ୍ତେ ଘରକୁ ଯାଇଥିଲେ। ଏହା ମଧ୍ୟରେ ତ୍ରିରଙ୍ଗା ପତାକା ତଳେ ଫୁଲ ଦେଇ ପୂଜା କରାଯାଇଥିବା ଗାନ୍ଧିଜୀଙ୍କ ଫଟୋଟି ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ବ୍ଲକ କଲୋନୀ ମଧ୍ୟରେ ସମସ୍ତ କର୍ମଚାରୀ ରହୁଥିଲେ ମଧ ଏଥିପ୍ରତି କାହାର ନଜର ପଡ଼ି ନ ଥିଲା। ପରେ ବିଜେଡିର କିଛି ନେତା



ତଳେ ପଡ଼ିଥିବା ମହାତ୍ମା ଗାନ୍ଧିଙ୍କ ଫଟୋ ।

ବ୍ଲକକୁ ଯାଇଥିବାବେଳେ ମହାତ୍ମା ଗାନ୍ଧିଙ୍କ ଫଟୋ ତଳେ ପଡ଼ିଥିବା ଦେଖି ଉଠାଇଥିଲେ। କିଛି ସମୟ ପୂର୍ବରୁ ପୂଜା କରାଯାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଶାସନ ପରେ ଭୁଲି ଯାଇଥିଲା ବୋଲି ବୁଦ୍ଧିଜୀବୀ ଓ ସାଧାରଣରେ ନିନ୍ଦା କରାଯାଇଛି।

■ ମାଓବାଦୀଙ୍କ ଧମକକୁ ଡରିଲେନି

# ଝରିଗାଁରେ ଉଡ଼ିଲା ତ୍ରିରଙ୍ଗା

ଝରିଗାଁ, ୧୬।୮(ସ୍ୱ.ପ୍ର)–

ଝରିଗାଁ ବ୍ଲକ୍ କର୍ଲାପଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଠାରେ ମାଓବାଦୀମାନେ ସ୍ୱାଧୀନତା ଦିବସ ପଳନକୁ ବିରୋଧ କରି ଦିନକ ପୂର୍ବରୁ ବିଦ୍ୟାଳୟରେ ବ୍ୟାନର୍ ଲଗାଇ ଧମକ ଦେଇଥିଲେ ମଧ ସମସ୍ତ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ବେସରକାରୀ ଅନୁଷ୍ଠାନ ମାନଙ୍କରେ ନିର୍ଭୟ ଓ ଶାନ୍ତିଶୃଙ୍ଖଳାର ସହ ପତକା ଉତୋଳନ ହୋଇଥିଲା। ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧରୁଆ ପତକା ଉତୋଳନ କରିଥିବାବେଳେ ବ୍ଲକ ସଦରସ୍ଥିତ ହାଇସ୍କୁଲ ପଡ଼ିଆରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପତକା ଉତୋଳନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ବିଧାୟକଙ୍କ ଦ୍ୱାରା ପତକା ଉତୋଳନ କରାଯାଇଥିଲା। ପରେ ବିଧାୟକ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଭେଟି ଫଳ ଓ ବିସ୍କୁଟ ପ୍ରଦାନ କରିଥିଲେ।

---

# ବୃକ୍ଷକୁ ବାନ୍ଧିଲେ ରାଖୀ

## ସ୍କୁଲ ପରିବେଶକୁ ସବୁଜ ସୁନ୍ଦର କରିବୁ



ସ୍କୁଲ ପରିସରରେ ମୁଖ୍ୟ ଅତିଥି ପ୍ରଥମେ ବୃକ୍ଷକୁ ରାଖୀ ବାନ୍ଧୁଛନ୍ତି।

ଚନ୍ଦାହାଣ୍ଡି, ୧୬।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଯାଦବ ମାଝି ବାଳିକା ବିଦ୍ୟାଳୟରେ ଗୁରୁବାର ସ୍ୱାଧୀନତା ଦିବସ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ତଥା ଜିଲା ଭାଜପା ସଭାପତି ଗୋବିନ୍ଦ କୁମାର ଜୈନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନଜରାନା ପରବିନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ଗୌରହରି ନାୟକ, ଖବରଦାତା ଦିଲୀପ ଦାସ, ଶ୍ୟାମଲାଲ ସାହୁ, ମଣ୍ଡଳ ସଭାପତି ଡମ୍ବରୁ ମାଝି, ପ୍ରତାପ ବାଘ ଉପସ୍ଥିତ ଥିଲେ। ପରେ ସ୍କୁଲ ପରିସରରେ ଥିବା ଗଛଗୁଡିକୁ ଛାତ୍ରୀ, ଶିକ୍ଷୟିତ୍ରୀ ଓ ଅତିଥିମାନେ ପୂଜା କରି ରାଖୀ ବାନ୍ଧିଥିଲେ। ସ୍କୁଲ ପରିବେଶକୁ ସବୁଜ ସୁନ୍ଦର ରଖିବା ସହ ବୃକ୍ଷର ଯତ୍ନ ନେବା ପାଇଁ ଗଛରେ ରାଖୀ ବାନ୍ଧିଛୁ ବୋଲି ଛାତ୍ରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଲକ୍ଷ୍ମୀଧର ନାୟକ, ଦେବରାଜ ସାହୁ, ପ୍ରତିଭା ଖମାରୀ, ସୁଚିତ୍ରା ଶତପଥୀ, ତରଣୀ ସାହୁ, ଧରିତ୍ରୀ ସାହୁ ତପନ ପୂଜାରା ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

ଉମରକୋଟ, ୧୬।୮

ଭାଜପା ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଓ ନବରଙ୍ଗପୁର ଭାଜପାର ଜିଲା ସମ୍ପାଦକ ଅଶୋକ କୁମାର ପାଢ଼ୀ, ନଗର ସଭାପତି ଦେବୁ କୁମାର ଦାସ, ସୁରେଶ ଆଚାର୍ଯ୍ୟଙ୍କ ସମେତ ବହୁ ଦଳୀୟ ସଦସ୍ୟ ଉପସ୍ଥିତ ରହି ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ନୀତି, ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟର ସ୍ମୃତିଚାରଣ କରିଥିଲେ।




■ ହାଇକୋର୍ଟ ଜଜ୍‌ଙ୍କ ନବରଙ୍ଗପୁର ଗସ୍ତ

# ସ୍ଥାୟୀ ଲୋକ ଅଦାଲତ ପାଇଁ ଆଇନଜୀବୀ ସଂଘର ଦାବି



ଜଜ୍‌ଙ୍କ ଗହଣରେ ଆଇନଜୀବୀମାନେ ।

ନବରଙ୍ଗପୁର,୧୬।୮(ବି.ପ୍ର.)

ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଶୁକ୍ରବାର ନବରଙ୍ଗପୁର ଜିଲା ଗସ୍ତ କରି ସମସ୍ତ କୋର୍ଟ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜଜ୍‌ଙ୍କୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏଠାରେ ଏକ ସ୍ଥାୟୀ ଲୋକ ଅଦାଲତ (ଜନ କଲ୍ୟାଣ) ସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା, ଗମନାଗମନ, ସଡ଼କପଥ ସମସ୍ୟା, ବିଦ୍ୟୁତ ସେବା ଓ ଜଳ ଯୋଗାଣ ଆଦି ସମସ୍ୟାର ସମାଧାନ ହୋଇପାରିବ ବୋଲି ସଂଘ ସଭାପତି ନରସିଂହ ତ୍ରିପାଠୀ ଓ ସଂପାଦକ ରାମ ପ୍ରସାଦ ପାତ୍ର କହିଛନ୍ତି। ସେହିପରି ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଉକ୍ତ ସ୍ମାରକ ପତ୍ରରେ ଅନୁରୋଧ କରାଯାଇଛି। ଏହାସହ ଜିଲା ଆଇନଜୀବୀ ସଂଘ ପାଠାଗାର ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସ୍ମାରକପତ୍ର ମାଧ୍ୟମରେ ଜଜ୍‌ଙ୍କୁ ଅନୁରୋଧ କରାଯାଇଛି। ସଂଘ ଉପସଭାପତି ହରି ନାରାୟଣ ବେହେରା, ସୁଗ୍ମ ସଂପାଦକ ଦାମଦୋର ତ୍ରିପାଠୀ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ପ୍ରଶା' ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ମିଶ୍ର, ଏନ ଅହମ୍ମଦ, ସୁଧାକର ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଝାଡେଶ୍ୱର ଖାଡାଙ୍ଗା, ଦେବୀ ପ୍ରସାଦ ସିଂ, ସମରେଶ ଗନ୍ତାୟତ, ମାନଓ ତ୍ରିପାଠୀ, ଶଶିଗିରି ରାଓ, ପ୍ରଫୁଲ୍ଲ ସିଂ, ଉମରକୋଟ ସଂଘ ସଭାପତି ପ୍ରଶାନ୍ତ ସାହୁ , ମନୋହର ମହାନ୍ତି , ବିଜୟ ଚନ୍ଦ୍ର ସିଂ , ପ୍ରଫୁଲ ସିଂ , ଅରୁଣ ପ୍ରସନ୍ନ ନାୟକ , ନମିତା ପଟ୍ଟନାୟକ,ମିନତୀ ମହାପାତ୍ର, ସାଲାମା ବାନୋ, ସନ୍ତୋଷ ମିଶ୍ର, ଗୋପାଳ ନାୟକ, ଗୋପାଳ ପାଣିଗ୍ରାହୀ, ତୁଳସୀରା ସମରଥ, ଉମେଶ ମିଶ୍ର, ପବିତ୍ର ହରିଜନଙ୍କ ସମେତ ସମସ୍ତ ଆଇନଜୀବୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ଜଜ୍ ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ।

---

# ଶହୀଦ ଓ ସଂଗ୍ରାମୀ ଚିର ସ୍ମରଣୀୟ

ନବରଙ୍ଗପୁର/ଡାବୁଗାଁ, ୧୬।୮(ବି.ପ୍ର./ଡି.ଏନ.ଏ.)–

ନବରଙ୍ଗପୁର ଷ୍ଟାଡିୟମରେ ଜିଲା ସ୍ତରୀୟ ୭୩ ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ପତାକା ଉତୋଳନ କରିଥିଲେ । ଏହି ଅବସରରେ ସ୍ୱାଧିନତା ସଂଗ୍ରାମୀଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ସେମାନେ ଚିର ସ୍ମରଣୀୟ ବୋଲି କହିଥିଲେ। ନବରଙ୍ଗପୁରର ପାପଡ଼ାହାଣ୍ଡି ଠାରେ ୧୯୪୨ ଅଗଷ୍ଟ ୨୪ର ଲୋମ ହର୍ଷଣକାରୀ ଗୁଳିକାଣ୍ଡରେ ୧୯ଶହୀଦଙ୍କ ବଳିଦାନ ଆଗରେ ମଥା ନଇଁ ଯାଉଛି । ଗାନ୍ଧିଜୀଙ୍କ ଅହିଂସାର ନେତୃତ୍ୱ ଇଂରେଜଙ୍କୁ ହଟାଇବାରେ ସମ୍ଭବ ହୋଇ ପାରିଥିଲା ବୋଲି କହିଥିଲେ। ସେହିଭଳି ଓଡିଶାରେ ଦକ୍ଷତା ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। କଳାକାରଙ୍କୁ ଭତ୍ତା ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ସଂଯୋଗୀ କରଣ, ଉଦ୍ୟୋଗ ଆଦିର ବିକାଶ ପାଇଁ ପ୍ରଚେଷ୍ଟ ଚାଲିଛି ବୋଲି କହିଥିଲେ। ପାପଡାହାଣ୍ଡି ମୃଗ ବିହାରକୁ ଇକୋ ଟୁରିଜିମ ମାନ୍ୟତା ଏବଂ ଜିଲାର ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ ବୋଲି କହିଥିଲେ। ପରେ ପରେଡରେ ଅଭିବାନ ଗ୍ରହଣ କରିଥିଲେ । ଏଥିରେ ସବ ଜୁନିୟର ସିଭିଲିୟାନ ବିଜେତା ଭାବେ ସରସ୍ୱତୀ ଶିଶୁ ମନ୍ଦିର ଓ ରନର୍ସ ଭାବେ ଥିୟଡର ପବ୍ଲିକ ସ୍କୁଲ ରହିଥିଲେ । ଜୁନିୟର ସିଭିଲିୟାନ ଭାବେ ୟୁନିକ୍ ପବ୍ଲିକ ସ୍କୁଲ ଓ ରନର୍ସ ଭାବେ ବିଦ୍ୟାର୍ଥୀ ବିଜ୍ଞାନ ବିଦ୍ୟାଳୟ ରହିଥିଲା । ଏନସିସି(ନନ୍ ସିଭିଲିୟାନ) ବିଜେତା ଭାବେ ଏନ୍‌ସିସି ନବରଙ୍ଗପୁର ମହାବିଦ୍ୟାଳୟ ରହିଥିଲା । ସେହିଭଳି ଜିଲାର ୧୦ଟି ବ୍ଲକର



ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଅଭିଭାଦନ ଗ୍ରହଣ କରୁଛନ୍ତି ।

୧୦ଜଣ ଶ୍ରେଷ୍ଠ ଶିଶୁଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ପରେ ହିର୍ଲି ଡଙ୍ଗର ପର୍ଯ୍ୟଟନ ସ୍ଥଳରେ ଟେଲିସ୍କପର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର, ଏସପି ନିତୀନ କୁସାଲକର, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂଯୋଜକ ରମାକା' ନାୟକ, ଉପଜିଲାପାଳ କରୁଣାକର ରାଇକା, ସମେତ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସ୍ତ୍ରୀ ଭବନ ଠାରେ ପୁରସ୍କାର ବିତରଣ ଓ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ।

**ସ୍ୱାଧୀନତା ଦିବସ ପାଳିତ**

ସେହିପରି ଡାବୁଗାଁସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକ୍ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆୟୋଜିତ ପରେଡରେ ଜଜ୍ ଭାବେ ଥାନା ଅଧିକାରୀ ମୁନି ଆଚାରୀ ଓ ଏସ୍‌ଆଇ ରଙ୍କନିଧି ସାହୁ ଯୋଗ ଦେଇଥିଲେ। ସ୍କାଉଟ୍‌ରେ ବାପୁଜୀ ପବ୍ଲିକ୍ ସ୍କୁଲ ପ୍ରଥମ, ଡାବୁଗାଁ ପଞ୍ଚାୟତ ହାଇସ୍କୁଲ ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେଡରେ ଶ୍ରେଷ୍ଠ କମାଣ୍ଡରଭାବେ ଶମ୍ଭୁ ରେଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡାବୁଗାଁ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ବାପୁଜୀ ପବ୍ଲିକ ସ୍କୁଲ ଦିତୀୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା ସେହିପରି ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ଅଜୟ ବଲ୍ଲଭ ପଣ୍ଡା ଓ ଲକ୍ଷ୍ମୀକାନ୍ତ ରଥଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ବିଡିଓ ରଞ୍ଜିତାମେରୀ ନାୟକ, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ପ୍ରତିନିଧି ଏମ. ଆପ୍ପା ରାଓ, ଜି. ସାଇ ରାଜୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁ ସାହୁକାର, ଶିକ୍ଷକ ହେମନ୍ତ କୁମାର ସାମଲ, ବଲ୍ଲଭ ନାରାୟଣ ପଣ୍ଡା, ଜିତେନ୍ଦ୍ର କୁମାର ମାଝୀଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଶିକ୍ଷକ ବି. କେ. ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସୁଧୀର ଦାଶ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା

ବିଷମକଟକ, ୧୬।୮: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଧୀର ଦାଶଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଘୋଷଣା ପରେ ବିଷମକଟକ ବ୍ଲକ ବିଜେଡି ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦେଇଛନ୍ତି। ସୁଧୀର ଦାଶ ରାୟଗଡା ଜିଲା ବିଜେଡି ଦଳର ଜଣେ ଦକ୍ଷ ସଂଗଠକ। ସେ ତାଙ୍କ ରାଜନୈତିକ ଜୀବନ ସରପଞ୍ଚରୁ ଆରମ୍ଭ କରିଥିଲେ। ବିଷମକଟକ ବ୍ଲକ ଏବଂ ଜିଲାରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ନିର୍ବାଚନ ମଙ୍ଗ ଧରି ଦଳକୁ ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ବିଷମକଟକ ଓ ରାୟଗଡା ଜିଲାର ଦଳୀୟ କର୍ମୀ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ ଦିଆଯାଇଛି।

### ବନ ବିଭାଗ, ଜିଲା ଆଇନସେବା ପ୍ରାଧିକରଣର ଚାରାରୋପଣ

ରାୟଗଡ଼ା ଅଫିସ, ୧୬।୮: ଜିଲା ଆଇନ ସେବା ପ୍ରାଧିକରଣ ଓ ରାୟଗଡ଼ା ବନଖଣ୍ଡର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ଅବସରରେ ଚାରାରୋପଣ କରାଯାଇଛି। ସ୍ଥାନୀୟ ଅଶୋକ ନଗରଠାରୁ ତୁମ୍ପିଗୁଡ଼ା ରାସ୍ତା ପାର୍ଶ୍ୱରେ ଏହି ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ, ବିଚାର ବିଭାଗୀୟ ଅଧିକାରୀ, କୋର୍ଟ କର୍ମଚାରୀ ଉପସ୍ଥିତ ରହି ଚାରା ଲଗାଇ ଥିଲେ। ଏହି ଅବସରରେ ଲିଗାଲ ଲିଟେରାସି କ୍ଲବ ଓ ବିଭନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ମଧ ଉପସ୍ଥିତ ଥିଲେ। ଏହାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

### ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ପାଳିତ

ଗୁଣପୁର,୧୬।୮(ଡି.ଏନ୍.ଏ.): ଗୁଣପୁର ସୌରା ପ୍ରଧାନିଗୁଡାସ୍ଥିତ ଅରୋଶ୍ରୀ ବିହାରରେ ଗୁରୁବାର ଶ୍ରୀ ଅରବିନ୍ଦଙ୍କ ୧୪୮ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ଅରବିନ୍ଦ ଏବଂ ବର୍ତ୍ତମାନର ଭାରତ ଉପରେ ଆରଏସ୍ଏସ୍ର ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରି ମତ ରଖିଥିଲେ। ଛାତ୍ରୀଛାତ୍ରମାନେ ଅରବିନ୍ଦଙ୍କ ସମାଧିସ୍ଥଳରେ ଧାନ କରିଥିଲେ। ଶିକ୍ଷା କେନ୍ଦ୍ର ସମ୍ପାଦକ ସୁଦର୍ଶନ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ଆଚାର୍ଯ୍ୟ ମାତୃପତାକା ଅବତରଣ କରିଥିଲେ। ଯୋଗେନ୍ଦ୍ର ନାରାୟଣ ଦେଓ, ବୃନ୍ଦାବତି ପଣ୍ଡା, କୃଷ୍ଣଚନ୍ଦ୍ର ଭୁକ୍ତା, ସୁଜାତା ରଥ ଏବଂ ଅନ୍ୟ ଅପା ଭାଇ ସହଯୋଗ କରିଥିଲେ।

■ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# ରାୟଗଡ଼ାକୁ ଶ୍ରେଷ୍ଠ ଜିଲା କରିବାକୁ ଆହ୍ୱାନ

ରାୟଗଡ଼ା ଅଫିସ, ୧୬।୮



ମୁଖ୍ୟ ଅତିଥି ପଦ୍ମିନୀ ଦିଆନ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ରାୟଗଡ଼ା ସହରସ୍ଥିତ ଜିସିଡି ପଡିଆରେ ଗୁରୁବାର ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବୟନ ଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶହୀଦ ବୀର ଯବାନଙ୍କ ସ୍ମୃତିଚାରଣ କରଥିଲେ। ଏଥିସହ ରାୟଗଡ଼ାକୁ ଶ୍ରେଷ୍ଠ ଜିଲାରେ ପରିଣତ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ କୋରାପୁଟ ଏମ୍ପି ସପ୍ତଗିରି ଉଲ୍ଲାକା, ଜିଲାପାଳ ପ୍ରମୋଦ କୁମାର ବେହେରା, ରାୟଗଡ଼ା ଏସ୍ପି ସର୍ବଣା ବିବେକ ଏମ୍, ରାୟଗଡ଼ା ପୂର୍ବତନ ବିଧାୟକ ଲାଲ ବିହାରୀ ହିମିରିକା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ପରେଡ ଅଭିବାଦନ ଗ୍ରହଣ କରିଥିଲେ। ୪୦ଟି ଟ୍ରୁପ ପରେଡରେ ସାମିଲ ହୋଇଥିଲେ। ୬ ବିଭାଗରେ ବିଜେତା ଓ ରନର୍ସଅପ୍ଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଇଁ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ବକ୍ତୃତାରେ ଜିସିଡ଼ି ହାଇସ୍କୁଲର ଦୀପକ ନାୟକ ପ୍ରଥମ ହୋଇଛନ୍ତି। ସେହିପରି ଇଂରାଜୀ ବକ୍ତୃତାରେ ସେକ୍ରେଟ ହାର୍ଟ ସ୍କୁଲର ସୌରଭ ମହାପାତ୍ର , ହିନ୍ଦି ବକ୍ତୃତାରେ ସେକ୍ରେଟ ହାର୍ଟର ଆକାଶ ରଞ୍ଜନ ପାଢ଼ୀ ପ୍ରଥମ ହୋଇଛନ୍ତି। ଦେଶାତ୍ମବୋଧ ସଙ୍ଗୀତରେ ବଚପନ ସ୍କୁଲର ସ୍ମୃତିରଞ୍ଜନ ଚୌଧୁରୀ ,କୁଇଜରେ ସେକ୍ରେଟ ହାର୍ଟ ସ୍କୁଲର ଲଗ୍ନିକା ରଥଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ କ୍ରୀଡ଼ା କୌଶଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ୱାଧୀନତା ଦିବସ ପାଇଁ ଜିଲାସ୍ତରରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗଛରେ ବାନ୍ଧିଲେ ତ୍ରିରଙ୍ଗା ରାଖୀ

ଜେକେପୁର, ୧୬।୮(ଡି.ଏନ୍.ଏ.)

ସ୍ୱାଧୀନତା ଦିବସ ଉପଲକ୍ଷେ ଜେକେ କାଗଜକଳ ପ୍ରାଙ୍ଗଣରେ ଲକ୍ଷ୍ମୀପତ୍ ସିଙ୍ଘାଣିଆ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରକ୍ଷାବନ୍ଧନ ଓ ଯବାନଙ୍କ ବଳିଦାନକୁ ନାଟକ ମାଧ୍ୟମରେ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଆନୁକୂଲ୍ୟରେ କାଗଜକଳ ପରିସରରେ ଥିବା ଗଛରେ ତ୍ରିରଙ୍ଗା ରାଖୀ ବନ୍ଧାଯାଇଥିଲା। ଏହି ରକ୍ଷାବନ୍ଧନ କାର୍ଯ୍ୟକ୍ରମ କାଗଜକଳର ବରିଷ୍ଠ ଅଧିକାରୀ ପବନ କୁମାରୀ ସୁରୀ, ବିଶ୍ୱଜିତ ଦ୍ୱିବେଦୀ ଓ ବିନୟ ଦ୍ୱିବେଦୀ ଉପସ୍ଥିତ ଥିଲେ ବିଦ୍ୟାଳୟ ଅଧକ୍ଷ ପ୍ରଦୀପ୍ତ କିଶୋର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଯୋଗଦାନ ଦେଇଥିବା ସମସ୍ତ ଛାତ୍ରୀଛାତ୍ର ଶିକ୍ଷକ ଓ ଅଭିଭାବକବୃନ୍ଦଙ୍କୁ ଧନ୍ୟବାଦ ଜଣାଇଥିଲେ।



କାଗଜକଳ ଅଧିକାରୀ ଗଛରେ ରାଖୀ ବାନ୍ଧୁଛନ୍ତି।

■ ଗୁଣପୁରରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ଗୁଣପୁର,୧୬।୮(ଡି.ଏନ୍.ଏ.)

ଗୁଣପୁର ମିନି ଷ୍ଟାଡିୟମରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ପରେଡ଼ରେ ୧୮ଟି ଦଳ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଆଇଆରବିଏନ କମାଣ୍ଡାଣ୍ଟ ସଫେଦ କୁମାର ଶତପଥୀ, ଏସ୍ଡିପିଓ ରାଜ କିଶୋର ଦାସ, ତହସିଲଦାର ନମ୍ରତା ମୋଦି, ରେଞ୍ଜର ଅଶୋକ କୁମାର ପ୍ରଧାନ,ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ରଶ୍ମିରାଣୀ ନିମାକା ପ୍ରମୁଖ ଉପସ୍ଥିତ ଥିଲେ। ପରେଡରେ ଏନ୍ସିସିରେ ଗୁଣପୁର କଲେଜ ପ୍ରଥମ ହୋଇଥିବାବେଳେ ମହିଳା ମହାବିଦ୍ୟାଳୟ ୨ୟ ଏବଂ ସରକାରି ବାଳକ ଉଚ୍ଚ ବିଦ୍ୟାଳୟ ୩ୟ ହୋଇଥିଲେ। ସିଭିଲିଆନରେ ଜଗନ୍ନାଥ ପବ୍ଲିକ ସ୍କୁଲ ପ୍ରଥମ ଏବଂ ଗାର୍ଲସ ଦଳ ୨ୟ, ଗାନ୍ଧି ପବ୍ଲିକ ସ୍କୁଲର ଗାର୍ଲସ ସିଭିଲିଆନ ୩ୟ ହୋଇଥିଲେ। ସନ୍ଧ୍ୟାରେ ଟାଉନ ହଲ୍ରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୧୫ ଟି ଦଳ ଭାଗ ନେଇଥିଲେ। ପଗଡବିଲି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୨ୟ ଏବଂ ଆଶ୍ରମ ସ୍କୁଲ ପୁରୁଣା ଗୁଣପୁର ୩ୟ ହୋଇଥିଲେ। ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ କଳାରେ ଗୁଣପୁର ଉପଖଣ୍ଡରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବରିଷ୍ଠ ସହାୟକ ସ୍ୱର୍ଗତ ରାମକୃଷ୍ଣ ପାଢୀଙ୍କ ସ୍ମୃତିରେ ଉତ୍କୃଷ୍ଟ କର୍ମଚାରୀଭାବେ ସୂର୍ଯ୍ୟ ନାରାୟଣ ନାୟକ ଏବଂ ଅନନ୍ତ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।



ଗୁଣପୁର ଟାଉନ୍ହଲରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପୌର ପରିଷଦରେ ପତାକା ଉତ୍ତୋଳନ କଲେ ସଫେଇ କର୍ମଚାରୀ

ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ସ୍ୱାଧୀନତା ଦିବସ ଚଳିତ ବର୍ଷ କିଛି ଅଲଗା ଥିଲା। ଏଠାରେ କୌଣସି ନେତା କିମ୍ବା ପ୍ରଶାସନିକ ଅଧିକାରୀ ପତାକା ଉତ୍ତୋଳନ କରି ନ ଥିଲେ। ବରଂ ଜଣେ ସଫେଇ କର୍ମଚାରୀ ପତାକା ଉତ୍ତୋଳନ କରିଥିଲେ। ସଫେଇ କର୍ମଚାରୀଙ୍କୁ ପତାକା ଉତ୍ତୋଳନ ପାଇଁ ଡାକିଥିବା ଗୁଣପୁର ଉପଜିଲାପାଳଙ୍କୁ ଲୋକେ ପ୍ରଶଂସା କରିଛନ୍ତି।

ପୌର ପରିଷଦରେ ଅଧକ୍ଷ ପଦ ଖାଲି ଥିବାବେଳେ ପୌର ପ୍ରଶାସକ ଭାବେ ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ଦାୟିତ୍ୱରେ ରହିଛନ୍ତି। ଏ ବର୍ଷର ସ୍ୱାଧୀନତା ଦିବସରେ ଉପଜିଲାପାଳ ତଥା ପୌର ପ୍ରଶାସକ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ସେପରି କିଛି ହୋଇ ନ ଥିଲା। ପୌର ପରିଷଦର ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀ ବାଙ୍ଗାରି ରବିଙ୍କୁ ପତାକା ଉତ୍ତୋଳନ କରିବା ଉପଜିଲାପାଳ ଡାକିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ଚକିତ ହୋଇ ପଡିଥିବାବେଳେ ଏଭଳି ଘୋଷଣାକୁ ନେଇ ରବି ମଧ ହତବଡେଇ ଯାଇଥିଲେ। ଏହାପରେ ଉପଜିଲାପାଳଙ୍କ ନିକଟକୁ ବିଭିନ୍ନ ମହଲରୁ ସାଧୁବାଦ ମିଳିଛି। ପୌର ନିର୍ବାହୀ ଅଧିକାରୀ ଭାବଗ୍ରାହୀ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଏଠାରେ ଉପସ୍ଥିତ ଥିଲେ।



## ସିଆର୍ପିଏଫ୍ କ୍ୟାମ୍ପରେ ସ୍ୱାଧୀନତା ଦିବସ, ରକ୍ଷାବନ୍ଧନ

ରାୟଗଡ଼ା ଅଫିସ, ୧୫।୮

ରାୟଗଡାସ୍ଥିତ ସିଆର୍ପିଏଫ୍ର ୪ର୍ଥ ବାଟାଲିୟନ କ୍ୟାମ୍ପରେ ଗୁରୁବାର ସ୍ୱାଧୀନତା ଦିବସ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ୱାଇ.କେ ରାଜପୁତ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେପକାଇଥିଲେ। ଏହି ଅବସରରେ ସିଆର୍ପିଏଫ୍ ଯବାନଙ୍କୁ ସେମାନଙ୍କ ସାହସିକତା ପାଇଁ ସମ୍ମାନିତ କରାଯାଇଥିଲା। ଏହାପରେ ଯବାନମାନେ ସେବା ସମାଜ ଅନାଥ ଆଶ୍ରମ ଓ ଶକ୍ତି ଜରାଶ୍ରମକୁ ଯାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ଛାତ୍ରୀଛାତ୍ର ଓ ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ଭଉଣୀମାନେ ଯବାନଙ୍କୁ ରାଖୀ ବାନ୍ଧିଥିଲେ। ଯବାନମାନେ ଦେଶ ଓ ଏହାର ନାଗରିକଙ୍କୁ ସବୁବେଳେ ସୁରକ୍ଷା ଦେଉଥିବାରୁ ଆମେ ତାଙ୍କୁ ରାଖୀ ବାନ୍ଧିଛୁ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ। କାର୍ଯ୍ୟକ୍ରମରେ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ମିଟୁ ରୟ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁମନ ମିଶ୍ର, ଲକ୍ଷ୍ମୀ ନାରାୟଣଙ୍କ ସମେତ ଅନ୍ୟ ଯବାନମାନେ ଉପସ୍ଥିତ ଥିଲେ।

## ସବୁରି ହାତରେ ସେନେହ ଡୋରି

ରାୟଗଡ଼ା ଅଫିସ/ମୁନିଗୁଡ଼ା/ଗୁଣପୁର, ୧୬।୮(ଡି.ଏନ୍.ଏ.)

ସ୍ନେହ ଓ ବନ୍ଧନର ପର୍ବ ରାଖୀ। ବିପଦ ଆପଦରୁ ରକ୍ଷା କରିବା ପ୍ରତିଶ୍ରୁତି ନେଇ ଭଉଣୀ ଟିଏ ଭାଇ ହାତରେ ରାଖୀ ବାନ୍ଧିଥାଏ। ରାୟଗଡ଼ାସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ପାଳନ କରାଯାଇଛି। ପ୍ରଥମେ ଏହାର ସଞ୍ଚାଳିକା ପ୍ରାୟ ୨୫୦ ପ୍ରଜାପିତା ଭଉଣୀଭାଇଙ୍କୁ ରାଖୀ ବାନ୍ଧିଥିଲେ। ଏହାପରେ ସେମାନେ ରାୟଗଡ଼ା ଜେଲ୍ ଅନ୍ତେବାସୀଙ୍କୁ ରାଖୀ ବାନ୍ଧିଥିଲେ। ସେଠାରୁ ମେଡିକାଲ, ଥାନା, ସେବାକେନ୍ଦ୍ର, ଠକ୍କର ବାବା ଆଶ୍ରମ, ଓଡିଶା ରିଜର୍ଭ ପୋଲିସ, ବୃଦ୍ଧାଶ୍ରମ, ରେଳଷ୍ଟେଶନ, ଅନାଥ ଆଶ୍ରମରେ ରାଖୀ ବାନ୍ଧି ମିଠା ବାଣ୍ଟିଥିଲେ।

ମୁନିଗୁଡ଼ା ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଓମ୍ ଶାନ୍ତି ଅନୁଷ୍ଠାନରେ ରକ୍ଷାବନ୍ଧନ ପାଳିତ ହୋଇଛି। ସରସ୍ୱତୀ ଶିଶୁ ମନ୍ଦିର, ଏବଂ ୮ମ ବାଟାଲିୟନ ସିଆର୍ପିଏଫ୍ ଯବାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ଗୁଣପୁରର ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ବିବେକାନନ୍ଦ କନ୍ୟା କୁମାରୀ ଶାଖା ସଂଯୋଜିକା ପ୍ରତିଭା ରଥ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ, ପରିଚାଳନା ସମିତି ସଭାପତି ଲଳିତ ବୈଦ୍ୟଭୂଷଣ, ଉପସଭାପତି ବି.ଲକ୍ଷ୍ମୀ ନାରାୟଣ, ସଂପାଦକ ଜଗନ୍ନାଥ ପଟ୍ଟନାୟକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଡାକ୍ତରଖାନା, ଥାନା ଏବଂ ଅଗ୍ନିଶମ ସଂସ୍ଥାକୁ ଯାଇ ରାଖୀ ବାନ୍ଧିଥିଲେ। ସେହିଭିଳି ଗାନ୍ଧି ପବ୍ଲିକ ସ୍କୁଲରେ ପ୍ରିନ୍ସିପାଲ ପ୍ରଶାନ୍ତ କୁମାର ପଣ୍ଡା, ଶିକ୍ଷୟିତ୍ରୀ ଏମ.ମୋନିକା ଉପସ୍ଥିତ ଥିଲେ। ଗାନ୍ଧୀ ବିଶ୍ୱବିଦ୍ୟାଳୟ ମହାନିର୍ଦ୍ଦେଶକ ଡ.ଜଗଦିଶ ପଣ୍ଡା ସମସ୍ତଙ୍କୁ ରାଖୀର ଶୁଭ କାମନା ଜଣାଇଥିଲେ। ଆରଏସ୍ଏସ୍ ପକ୍ଷରୁ ଭେଙ୍କଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ଉତ୍ସବ ପାଳନ କରାଯାଇଛି। ପ୍ରଭାତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ରକ୍ଷାବନ୍ଧନ ଅବସରରେ ମୁନିଗୁଡ଼ା ୮ମ ବାଟାଲିୟନ ଯବାନଙ୍କ ସହ ଛାତ୍ରୀଛାତ୍ରମାନେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

ମୁନିଗୁଡ଼ା/ଜେକେପୁର/ବିଷମକଟକ/ଚନ୍ଦ୍ରପୁର/ପଦ୍ମପୁର/ଟିକିରି/କାଶୀପୁର, ୧୬।୮(ଡି.ଏନ୍.ଏ.)

ମୁନିଗୁଡ଼ାର ବିଭିନ୍ନ ସ୍ଥାନରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷ ଶ୍ରୀଧର କରଡ଼ା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଦେବାଶିଷ ଗୌଡ, ରେଞ୍ଜ ଅଫିସରେ ରେଞ୍ଜର ଅନିଲ କୁମାର ରାଏ, ଥାନାରେ ଏସ୍ଡିପିଓ ଚନ୍ଦ୍ରଶେଖର ହୋତା, ୮ମ ବାଟାଲିୟନ ସିଆର୍ପିଏଫ୍ କାର୍ଯ୍ୟାଳୟରେ କମାଣ୍ଡାଣ୍ଟ ଏନ୍.କେ. ସିଂ, ମୁନିଗୁଡ଼ା କଲେଜରେ ଅଧକ୍ଷ ଦେବାନନ୍ଦ ମିଶ୍ର ଜାତୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମୁନିଗୁଡ଼ା କୃଷି ଅଧିକାରୀ ରିଲିଜିୟସ୍ ବେକ୍ଙ୍କ ନେତୃତ୍ୱରେ କୃଷି କାର୍ଯ୍ୟାଳୟରେ ଚାରାରୋପଣ କରାଯାଇଥିଲା। ବିଷମକଟକ କୋର୍ଟ ଜଜ୍ ହାଟମୁନିଗଡାସ୍ଥିତ ଆର୍.କେ ମିଶନରେ ଚାରାରୋପଣ କରିଥିଲେ। ସେହିଭଳି ଶିବପଦର ଆଦର୍ଶ ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସରପଞ୍ଚ ଭାବନା ଜାକେସିକା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଜିଆର୍ଏସ୍ ଗଣେଶ ପୂଜାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

ଜେକେପୁରର ଶ୍ରୀଗୁରୁଜୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ ଓ ରକ୍ଷାବନ୍ଧନ ଅନୁଷ୍ଠିତ ହୋଇଯାଇଛି। ରାଧାଶ୍ୟାମ ପଲାଇ ଓ ଭାସ୍କର ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟନାରାୟଣ ସେଠୀ ଅତିଥି ପରିଚୟ ଦେଇଥିଲେ। ଜେକେ ପେପର ମିଲ୍ କାଗଜକଳ ପରିସରରେ ଅନୁଷ୍ଠିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କାଗଜକଳର ମୁଖ୍ୟ ପବନ କୁମାର ସୁରୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଭି.ପି. ବିନୟ ଦ୍ୱିବେଦୀ, ଭିପି ବଶ୍ୱଜିତ୍ ଦ୍ୱିବେଦୀ, ଜି.ଏମ୍. ସନ୍ଦିପ ପାଣ୍ଡେ ଉପସ୍ଥିତ ଥିଲେ। ଚାନ୍ଦିଲି ଥାନାରେ ଆଇଆଇସି ଅଜିତ କୁମାର ସ୍ୱାଇଁ, ଜେକେପୁର ଶିଶୁ ମନ୍ଦିରରେ ସ୍କୁଲ ପରିଚାଳନା କମିଟି ପୂର୍ବତନ ସଭାପତି ରାଧାଶ୍ୟାମ ପଲାଇ, ପେଣ୍ଠା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଧୀରେନ ତ୍ରିପାଠୀ, ଜେକେପୁର ମାର୍କେଟିଂ ଆସୋସିଏଶନ ସଭାପତି ଜିତେନ୍ଦ୍ର ସିନ୍ଦିଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରାୟଗଡା ବ୍ଲକ ଅଧକ୍ଷଙ୍କ ଉପସ୍ଥିତିରେ ଜିଲା ପରିଷଦ ସଭ୍ୟ ପି. ଗୌରୀଶଙ୍କର ରାଓ ବ୍ଲକ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ଜେକେପୁର କାଗଜକଳର ବିଏମ୍ଏସ୍ ୟୁନିୟନ କାର୍ଯ୍ୟାଳୟରେ ସମ୍ପାଦକ ଏ. ତିରୁପତି ରାଓଙ୍କ ଉପସ୍ଥିତିରେ ସଭାପତି ଏସ୍. ଦୁର୍ଗାବାବୁ ଓ ଜେକେପୁର ସିଟୁ ସଂଘ କମୁଟିପେଣ୍ଠ କାର୍ଯ୍ୟାଳୟରେ ପୂର୍ବତନ ସଭାପତି ତଥା ଉପଦେଷ୍ଟା ଆଇନଜୀବୀ ସିଏଚ୍ ହରିକୁମାର ପତାକା ଉତ୍ତୋଳନ କରିଥିଲେ । ସେହଭଳି ରାୟଗଡ଼ା ବ୍ଲକ କୁମଟିପେଣ୍ଠସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ଜିଲା ସଭାପତି ଚନ୍ଦନା ହରେନ୍ଦ୍ରନାଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ପଦ୍ମପୁରଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ।

ବିଷମକଟକ ତହସିଲରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଷମକଟକ କଂଗ୍ରେସ ଭବନ, ଭାଜପା କାର୍ଯ୍ୟାଳୟ, ବିଜେଡି ଦଳୀୟ କାର୍ଯ୍ୟାଳୟ,ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଏବଂ ବ୍ୟାଙ୍କରେ ମଧ ଜାତୀୟ ପତକା ଉତ୍ତୋଳନ କରାଯାଇଛି।

ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷା ସଙ୍ଗୀତା ପ୍ରଟିଙ୍ଗା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ମମତା କୁମାରୀ ପ୍ରଧାନ, ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ବି.ଏମ୍. ଶଙ୍କର ଦାସ, ଡାଙ୍ଗସୋରଡା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଧାନୁ ମାଝି କୁମୁରୁକା, ଥାନାରେ ପୋଲିସ ଏସ୍ଆଇ ଧନୁର୍ଜୟ ଦଳେଇ, ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଜୟଲାଲ ନାୟକ, କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ଼, ଲ୍ୟାମ୍ପସରେ ରଞ୍ଜିତ ଦାସ, ଏମ୍ଡି ବାଲକାବାଜୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରବୀଣ କୁମାର ସେଠୀ, ଇନ୍ଦୁଗୁଡ଼ା, ପ୍ରାଥମିକ ବିଦ୍ୟାଳୟରେ ନବୀନ ଶବର ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିଆରପିଏଫ୍ ଏବଂ ଅଷ୍ଟମ ବାଟାଲିୟନ ପକ୍ଷରୁ ମଧ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

ପଦ୍ମପୁର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପଦ୍ମପୁର ପଞ୍ଚାୟତ ଅଫିସରେ ସରପଞ୍ଚ ପୂନ୍ୟାବତୀ ମାଣ୍ଡାଙ୍ଗି ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପରମାନନ୍ଦ ଦାଶ, ପଦ୍ମପୁର ବିଡିଓ ରମେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ପଦ୍ମପୁରସ୍ଥିତ ଯୁକ୍ତ ୨ ତ୍ରିବେଣୀ ସାଇନ୍ସ କଲେଜରେ ଅଧକ୍ଷ ବିପିନ୍ ବିହାରୀ ଜେନା, ପଦ୍ମପୁର ଥାନାରେ ଆଇଆଇସି ଜୟଶ୍ରୀ ପ୍ରଧାନ, ପଦ୍ମପୁର ମେଡିକାଲରେ ଡାକ୍ତର ସୌମ୍ୟରଞ୍ଜନ ପତି ପତକା ଉତ୍ତୋଳନ କରିଥିଲେ। ଯୁମୁରୁଗୁଡ଼ାରେ ସୁବାସ ଚନ୍ଦ୍ର ସାହୁ ପତାକା ଉତ୍ତୋଳନ କରିଥିଲେ। ସେହିଭଳି ଜିରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ରାଧାରମଣ ପାଢ଼ୀ, ପଦ୍ମପୁର ବ୍ଲକରେ ବ୍ଲକ ଅଧକ୍ଷ ରମାକାନ୍ତ ମାଝି, ରାଜୁ ପ୍ରାଥମିକ ବିଦ୍ୟାଳୟର ରମେଶ ଚନ୍ଦ୍ର ପରିଚ୍ଛା, ପଦ୍ମପୁର ଆର.ଜି. କଲେଜରେ ଅଧକ୍ଷ ଉଦୟଚନ୍ଦ୍ର ସାହୁ, ପଦ୍ମପୁର ଆର୍ୟାନ୍ ଇଂଲିଶ ମିଡିୟମ୍ ସ୍କୁଲର ରାମଚନ୍ଦ୍ର ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ। ଗଜାନନ ବିଦ୍ୟା ନିକେତନର ଅଧକ୍ଷ ଜୟକୃଷ୍ଣ ପାଣିଗ୍ରାହୀ, ଆଇଡିଏଲ୍ ପବ୍ଲିକ୍ ସ୍କୁଲରେ କୃଷ୍ଣ ପଣ୍ଡା ଓ ବସନ୍ତ ଦେବୀ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀ ପତାକା ଉତ୍ତୋଳନ କରିଥିଲେ।

ଟିକିରିରେ ମଧ ସ୍ୱାଧୀନତା ଦିବସ ଓ ରକ୍ଷାବନ୍ଧନ ଧୁମ୍ଧାମରେ ପାଳିତ ହୋଇଛି। ରକ୍ଷା ବନ୍ଧନ ଅବସରରେ ଓମ୍ ଶାନ୍ତି ଭାଇ ଭଉଣୀମାନେ ରାୟଗଡ଼ା ସରସ୍ୱତି ଶିଶୁ ବିଦ୍ୟାମନ୍ଦିରରେ ରାଖୀ ବାନ୍ଧିଥିଲେ। କାଶୀପୁର ସରକାରି ଉଚ୍ଚ ବିଦ୍ୟାଳୟରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଛନ୍ତି। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ରୁଆଇ ମାଝି, ତହସିଲଦାର ସୌଭାଗ୍ୟ ବେହେରା, ବିଡିଓ ବେଦବର ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଦାୟିତ୍ୱରେ ଥିବା ଡାକ୍ତର ନେତ୍ରାନନ୍ଦ ନାଏକ, ଆଇଆଇସି ଦୁର୍ଗାମାଧବ ପ୍ରଧାନ, ଅତିରିକ୍ତ ତହସିଲ ଦାର ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ପରେଡ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ କୁଳମଣି ବଳିୟାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



ମାଲକାନଗିରିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଅଭିବାଦନ ଗ୍ରହଣ କରୁଛନ୍ତି ।



କାଲିମେଳାରେ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି ପତାକା ଉତ୍ତୋଳନ କରୁଛନ୍ତି ।



ଚିତ୍ରକୋଣ୍ଡାରେ ଯବାନମାନେ ପତାକା ଉତ୍ତୋଳନ କରୁଛନ୍ତି।

## ■ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# ‘ମନେରହିବ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ’

**ମାଲକାନଗିରି/ଚିତ୍ରକୋଣ୍ଡା/ପାଣ୍ଡ୍ରିପାଣି/ଏମଭି-୭୯/ କୁଡୁମୁଲୁଗୁମ୍ମା/କାଲିମେଳା,୧୬।୮ (ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଡିଏନକେ ଖେଳ ପଡ଼ିଆଠାରେ ୭୩ ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଅବିଭକ୍ତ କୋରାପୁଟ ଜିଲାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସର୍ବଦା ମନେରହିବ ବୋଲି ପ୍ରକାଶ କରିଥିଲେ। ଭାରତଛାଡ଼ ଆନ୍ଦୋଳନରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଡାକରାରେ ଜିଲାର ବହୁ ସଂଗ୍ରାମୀ ସାମିଲ ହୋଇଥିଲେ। ମାଥିଲି ଥାନାରେ ତ୍ରିରଙ୍ଗା ପତାକା ଉଡ଼ାଇବା ବେଳେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ଲକ୍ଷ୍ମଣ ନାୟକଙ୍କ ନାମରେ ଯୋଡି ମିଥ୍ୟା ମାମଲା କରି ଇଂରେଜମାନେ ତାଙ୍କୁ ଫାଶୀ ଦେଇଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ଗରିବ ଭୂମିହୀନଙ୍କୁ କାଳିଆ ଯୋଜନାରେ ସାମିଲ, ସ୍ୱାସ୍ଥ୍ୟସେବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ମେଡିକାଲ କଲେଜ ସମ୍ପର୍କରେ ସୂଚନା ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେଡରେ ୨୬ ଦଳ ଅଂଶଗ୍ରହଣ କରିଥିଲେ। ଏହି ପରେଡକୁ ପୋଲିସ ରିଜର୍ଭ ଇନ୍ସପେକ୍ଟର ବିକ୍ରମ ଦାସ ପରିଚାଳନା କରିଥିଲେ । ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପ୍ରଥମ ଥର କରି ୨୦ ଜଣ ଆଦିବାସୀ ଜନଜାତିଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ମନୀଷ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ପୂର୍ବତନ ବିଧାୟକ ମାନସ ମାଡ଼କାମି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଯେକୌଣସି ହିଂସାକୁ ପ୍ରତିହତ କରିବା ପାଇଁ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ପୋଲିସ, ଡିଭିଏଫ, ଏସଓଜି ଓ ବିଏସଏଫ ଯବାନଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିଲା।

ଚିତ୍ରକୋଣ୍ଡାର ଗୁରୁପ୍ରିୟା ସେତୁଠାରେ ପ୍ରଥମ ଥର ପାଇଁ ସ୍ୱାଧୀନତା ଦିବସ ପାଳନ କରାଯାଇ ପତାକା ଉତ୍ତୋଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ଡିଆଇଜି ହିମାଂଶୁ କୁମାର ଲାଲ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାଲକାନଗିରି ଏସଡିପିଓ ଋଷିକେଶ ଖିଲାର, ଚିତ୍ରକୋଣ୍ଡା ଏସଡିପିଓ ମାନସ ରଞ୍ଜନ ବାରିକ, ଜାନବାଇ ବିଏସଏଫ କ୍ୟାମ୍ପ ଆସିସ୍ଟାଣ୍ଟ କମାଣ୍ଡାଣ୍ଡ ସନ୍ତୋଷ କୁମାର ଯୋଗ ଦେଇଥିଲେ। ପରେ ଅତିଥିମାନେ ବଡପଡା କନ୍ୟାଶ୍ରମ ବିଦ୍ୟାଳୟକୁ ଛାତ୍ରୀମାନଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମ ପାପରମେଟେଲା ଓଆଇସି ଲକ୍ଷ୍ମୀ ନାରାୟଣ ମୁଦୁଲି ପରିଚାଳନା କରିଥିଲେ।

ପାଣ୍ଡ୍ରିପାଣି, ସେରପାଲ୍ଲି, ମାର୍କାପାଲ୍ଲି, ବୀରଲକ୍ଷ୍ମଣପୁର, ଗଙ୍ଗଲା ଓ ପେଦାୱାଡା ପଞ୍ଚାୟତରେ ଥିବା ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରପଞ୍ଚ ଶିବ ଖେମୁଡୁ ପତାକା ଉତ୍ତୋଳନ କରଥିଲେ। ବୀରଲକ୍ଷ୍ମଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆଶ୍ରମ ବିଦ୍ୟାଳୟ ଓ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଶର୍ମିଳା ମାଲୁ ପତକା ଉତ୍ତୋଳନ କରିଥିଲେ। ବାବାଜୀ ଚରଣ ନାୟକ ଓ ଭୀମସେନ ଝୋଲା ଜାତୀୟ ସଂଗୀତ ଗାନ କରିଥିଲେ। ଆଶ୍ରମ ବିଦ୍ୟାଳୟରେ ପତାକା ଉତ୍ତୋଳନ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲିବଲ, ଦଉଡ଼ିଡିଆଁ ଓ ପୁଚିଖେଳ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମାର୍କାପାଲ୍ଲୀ ପଞ୍ଚାୟତର ବିଚଲକୋଟାଠାରେ ବ୍ୟବସାୟୀ ସଂଘ ପକ୍ଷରୁ ମଧ ସ୍ୱାଧୀନତା ଦିବସ ପାଳନ ହୋଇଥିଲା। ବୀର ଲକ୍ଷ୍ମଣପୁର ପଞ୍ଚାୟତରେ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଅନୁଗୁ ପତାକା ଉତ୍ତୋଳନ କରିଥଲେ।

ଏମଭି-୭୯ସ୍ଥିତ ଡା ଶ୍ୟାମା ପ୍ରସାଦ କଲେଜଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଅବସରରେ ପ୍ରଶାନ୍ତ କୁମାର ପାଢ଼ୀ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ଗୋବିନ୍ଦ ହାଲଦାର ପତାକା ଉତ୍ତୋଳନ କରିଥିଲେ। ଏମଭି-୭୯ ଥାନା ପରିସରରେ ଥାନା ଅଧିକାରୀ ମମତା ପାଣିଗ୍ରାହୀ, ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଚାନ୍ଦ ମଣ୍ଡଳ, ଷ୍ଟେଟବ୍ୟାଙ୍କ ପରିସରରେ ଅନିତା ବେହେରା, ପୋଟେରୁ ଜଳସେଚନ କାର୍ଯ୍ୟାଳୟରେ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ପତାକା ଉତ୍ତୋଳନ କରିଥିଲେ।

କୁଡୁମୁଲୁଗୁମ୍ମା ବ୍ଲକରେ ବିଭିନ୍ନ ସ୍ଥାନରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପହଲା ପାଙ୍ଗି, ଯୁକ୍ତ୩ ଡିଗ୍ରୀ କଲେଜରେ ପରିଚାଳନା କମିଟି ସଭାପତି ସୟବ ବାରିକ, ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଏସଏମସି ସଭାପତି ଦିବାକର ସୁନା, ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ବିଜୟ କୁମାର ମାଣ୍ଡାଙ୍ଗି, ବିଏସଏଫ ୧୪୪ ବାଟାଲିୟନଠାରେ କମାଣ୍ଡର ହରିଚନ୍ଦନ ବିଶୋୟୀ, ପାଣ୍ଡିଠାରେ ଫାଣ୍ଡି ଅଧିକାରୀ ମାଧବ ମାଡକାମୀ, ଲ୍ୟାମ୍ପ କାର୍ଯ୍ୟାଳୟଠାରେ ସଭାପତି ଡମ୍ବୁ କିର୍ଷାନି, ଆଦର୍ଶ ବିଦ୍ୟାଳୟଠାରେ ବାଳକୃଷ୍ଣ ପ୍ରଧାନ, ବନପାଳ କାର୍ଯ୍ୟାଳୟଠାରେ ବନପାଳ ରାଜେନ୍ଦ୍ର ଶବର, ପରିବର୍ତ୍ତନ କାର୍ଯ୍ୟାଳୟଠାରେ ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ସନ୍ତୋଷ କୁମାର ଷଡଙ୍ଗୀ ପତାକା ଉତ୍ତୋଳନ କରିଥିଲେ।

କାଲିମେଳା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସ୍ଥାନୀୟ ଖେଳପଡିଆଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି ଯୋଗ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଡିଓ ତଥା ତହସିଲଦାର ଉମାଶଙ୍କର ଦଳାଇ,ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ବରୋଇ, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ, ଡା. ଅବିଦ ହୁସେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭାରତୀୟ ବିଦ୍ୟାନିକେତନ ଗୁରୁକୁଳ, ଲକ୍ଷ୍ମଣ ନାୟକ ଇଂରାଜୀ ବିଦ୍ୟାଳୟ, ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟ,ତହସିଲ କାର୍ଯ୍ୟଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

# ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ ଦେଉଛନ୍ତି ଅର୍ଜୁନ

**ମାଲକାନଗିରି,୧୬।୮ (ଡି.ଏନ.ଏ.)**

ମାଓବାଦୀଙ୍କ ନାଁ ଶୁଣିଲେ ସମସ୍ତଙ୍କ ମନରେ ଭୟ ସୃଷ୍ଟି ହୁଏ। ହାତରେ ବନ୍ଧୁକ ଧରି ବିଭିନ୍ନ ଗ୍ରାମରେ ପଶି ସେମାନେ ହିଂସା ଘଟାଇଥାନ୍ତି। ମାତ୍ର ଏବେ ପରିସ୍ଥିତି ବଦଳିଛି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଜଣେ ମାଓବାଦୀ ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକୁମା ଜିଲାରେ। ମାଓବାଦୀ ଅର୍ଜୁନ ଯିଏ ଦିନେ ସମସ୍ତଙ୍କ ନିଦ ହଜେଇ ଦେଇଥିଲେ। ହାତରେ ରହୁଥିଲା ବନ୍ଧୁକ। ତାଙ୍କୁ ଧରାଇ ଦେବା ପାଇଁ ଛତିଶଗଡ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା ୮ ଲକ୍ଷ ଟଙ୍କାର ପୁରସ୍କାର। ସେହି ଅର୍ଜୁନ ଯିଏ ଦିନେ ଲୋକଙ୍କୁ ମାଓବାଦୀଙ୍କ ସଙ୍ଗଠନରେ ସାମିଲ ହେବାକୁ ପ୍ରବର୍ତ୍ତାଉଥିଲେ ଏବେ ସେ ସଙ୍ଗଠନରେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପରାମର୍ଶ ଦେଉଛନ୍ତି। ସ୍ୱାଧୀନତା ଦିବସ ଅବସରରେ ହେଉଥିବା ପରେଡ ବେଳେ ପଡିଆରେ ଅର୍ଜୁନ ମାଇକ୍ରୋଫୋନ୍ ଧରି ନାଚ ଗୀତ ମାଧ୍ୟମରେ ଲୋକଙ୍କୁ ଏବଂ ମାଓବାଦୀଙ୍କୁ ସଚେତନ କରିବା ଲାଗି ପ୍ରୟାସ କରିଛନ୍ତି। ତାଙ୍କର ଏଭଳି ଉଦ୍ୟମକୁ ସବୁଠି ପ୍ରଶଂସା ମିଳିଛି। ବର୍ତ୍ତମାନ ଅର୍ଜୁନଙ୍କ ଏକମାତ୍ର ଲକ୍ଷ ହେଉଛି ସେ ଅନ୍ୟ ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବେ।



ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅର୍ଜୁନ ସମାଜର ମୁଖ୍ୟସ୍ରୋତକୁ ଫେରିଆସିବାକୁ ମାଓବାଦୀମାନଙ୍କୁ ଆହ୍ୱାନ ଦେଉଛନ୍ତି ।

# ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

**ଡାବୁଗାଁ, ୧୬।୮(ଡି.ଏନ୍.ଏ.)**

ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନେ ଗୁରୁବାର ରକ୍ଷା ବନ୍ଧନ ଉତ୍ସବ ପାଳିଛନ୍ତି। ପରସ୍ପରକୁ ରାଖୀ ବାନ୍ଧିବା ସହ ମିଠା ଖୁଆଇ ସ୍ନେହ ବାଣ୍ଟିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।






# ବିଏସ୍ଏଫ୍ ଯବାନଙ୍କୁ ରାଖୀ ବାନ୍ଧିଲେ ଛାତ୍ରୀଛାତ୍ର

**ଏମ୍ଭି-୭୯, ୧୬।୮**

ଦେଶ ମାତୃକାର ସେବା କରି ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଉଥିବା ଯବାନଙ୍କୁ ରାଖୀ ବାନ୍ଧିଛନ୍ତି ଏମ୍ଭି-୭୯ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀ। ଗୁରୁବାର ବିଏସ୍ଏଫ୍ କ୍ୟାମ୍ପରେ ପହଞ୍ଚି ଛାତ୍ରୀଛାତ୍ରମାନେ ସେଠାରେ ଉପସ୍ଥିତ ଯବାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ସେହିଭଳି ସୀମାନ୍ତରେ ଥିବା ଯବାନଙ୍କ ପାଇଁ ମଧ୍ୟ ଏହି ଛାତ୍ରୀଛାତ୍ର ରାଖୀ ପଠାଇଛନ୍ତି। ଦେଶର ସୁରକ୍ଷା ଓ ଅଖଣ୍ଡତା ପାଇଁ ପ୍ରତିକୂଳ ପରିସ୍ଥିତିରେ ରହି ମଧ୍ୟ ଯବାନମାନେ ଆମକୁ ସୁରକ୍ଷା ଦେଉଛନ୍ତି। ସେମାନେ ବିଭିନ୍ନ ପର୍ବପର୍ବାଣିରେ ପରିବାରଠାରୁ ଦୂରରେ ରୁହନ୍ତି। ସେହି ବୀର ଯବାନଙ୍କ ପ୍ରତି ସମ୍ମାନ ଓ ଭଲପାଇବା ପ୍ରଦର୍ଶନ କରି ରାଖୀ ବାନ୍ଧିଛୁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।



ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀମାନେ ଯବାନମାନଙ୍କୁ ରାଖୀ ପିନ୍ଧାଉଛନ୍ତି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଜଳେଶ୍ୱର, ୧୬।୮**

ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ନାମ୍ପୋ ନିକଟରେ ଏକ ବାଇକରେ ଦୁଇ ବନ୍ଧୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଖୁଣ୍ଟରେ ଧକ୍କା ଦେବାରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ବସ୍ତା ହସ୍ପିଟାଲକୁ ନିଆଯାଇଛି। ମୃତ ଯୁବକ ହେଲେ ଜଳେଶ୍ୱର ମ୍ୟୁନିସିପାଲିଟିର ମଣିପାଟଣା ଗ୍ରାମର ଶିବ ଜେନାଙ୍କ ପୁଅ ସତ୍ୟବ୍ରତ ଜେନା(୨୮) ଓ ଗୁରୁତର ଯୁବକ ହେଲେ ଫମ୍ପା ଜେନା।

# ଅନାଥ ଶିଶୁମାନେ ମନ୍ତ୍ରୀଙ୍କ ହାତରେ ରାଖୀ ବାନ୍ଧିଲେ

**ମାଲକାନଗିରି,୧୬।୮ (ଡି.ଏନ.ଏ.)**

ଜିଲାସ୍ତରୀୟ ପରେଡରେ ଅଂଶଗ୍ରହଣ କରି ପରେ ମନ୍ତ୍ରୀ ରଘୁନନ୍ଦନ ଦାସ ମାଲକାନଗିରି ସଦର ମହକୁମାସ୍ଥିତ ଶିଶୁଗୃହ ପରିଦର୍ଶନରେ ଯାଇଥିଲେ । ଶିଶୁ ଗୃହରେ ଥିବା ୬୨ ଜଣ ଅନାଥ ଶିଶୁ ମନ୍ତ୍ରୀଙ୍କୁ ଦେଖି ଖୁସି ହୋଇ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ପରେ ସେମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଜଣାଇଥିଲେ । ଏପର୍ଯ୍ୟନ୍ତ ସେମାନଙ୍କ ଖାଦ୍ୟପେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସରକାର ଅର୍ଥ ଯୋଗାଇ ନ ଥିବାରୁ ସେମାନେ ଅସୁବିଧାରେ ରହିଥିବା ପ୍ରକାଶ କରିଥିଲେ। ଭୁବନେଶ୍ୱର ଯାଇ ଏସମ୍ପର୍କରେ ଆଲୋଚନା କରି ଏଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସଂସ୍ଥାର ପରିଚାଳକ ନିତ୍ୟାନନ୍ଦ ପ୍ରଧାନ ଏଠାରେ ଥିବା ଶିଶୁମାନଙ୍କ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲାପାଳ ମନୀଷ ଅଗ୍ରୱାଲ ରେଡ୍କ୍ରସ ପକ୍ଷରୁ ଖାଦ୍ୟ ପାଇଁ ଅର୍ଥ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଶିଶୁ ମାନେ ମନ୍ତ୍ରୀଙ୍କ ସହ ଯାଇଥିବା ଏସ୍ପି ଜଗମୋହନ ମିନା, ଜିଲାପାଳ ଅଗ୍ରୱାଲ, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ସଦସ୍ୟା ରୁମୁକି ବେହେରା, ଆଇନ୍ ଅଧିକାରୀ ସତ୍ୟଜିତ୍ ପଣ୍ଡାଙ୍କ ହାତରେ ରାଖୀ ବାନ୍ଧି ଆଶୀର୍ବାଦ ନେଇଥିଲେ।

# ଚାରାରୋପଣ ସହ ଏହାର ଯତ୍ନ ସବୁଜ ପରିବେଶର ଚାବିକାଠି

**ମାଲକାନଗିରି,୧୬।୮(ଡି.ଏନ.ଏ.)**

ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ପକ୍ଷରୁ ଜିଲାବ୍ୟାପୀ ୩୬ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି । ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ଥାନୀୟ ଏକଲବ୍ୟ ଆବାସିକ ବିଦ୍ୟାଳୟଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରୋହିତ ଲାଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରି ଉଦ୍‌ଘାଟନ କରିଥିଲେ। ଜଣେ ଗୋଟିଏ ବୃକ୍ଷରୋପଣ କଲେ ଗୋଟିଏ ନୂତନ ଆଶା ସଞ୍ଚାର କରିଥାଏ। ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ନିଜର ଦାୟିତ୍ୱ ପୂରଣ କରିଥାଏ ବୋଲି ପଣ୍ଡା କହିଥିଲେ । ପ୍ରାଧିକରଣ ସଚିବ ଅମରେଶ ନାୟକ ବୃକ୍ଷରୋପଣ ଓ ଏହାର ଲାଳନପାଳନ ହିଁ ସୁବଜ ଓ ସୁନ୍ଦର ପରିବେଶର ଚାବିକାଠି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରଜ୍ଞାନଳିନୀ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ସିଭିଲ କୋର୍ଟ ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ, ବରିଷ୍ଠ ଦେୱାନି ବିଚାରପତି ସୁଚେତା କୃପାଳିନୀ, ଉପଖଣ୍ଡ ଦଣ୍ଡାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀକାନ୍ତ ପାଢ଼ୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପଦ୍ମଲାଭ ମାଝି, ଜିଲା ଓକିଲ ସଂଘ ସଭାପତି ନୃସିଂହ ଚରଣ ମହାନ୍ତି, ସମ୍ପାଦକ ଲମ୍ବୋଧର ତୁରୁକ, ଏକଲବ୍ୟ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ପାରାଲିଗାଲ ସ୍ୱେଚ୍ଛାସେବୀ ଅଧ୍ୟାପକ ଡ.ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।




ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

**ସଂକ୍ଷେପରେ**

## କୃପାଳୁ ଶିଶୁ ସାହିତ୍ୟ ଆସର

**ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.)-** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ବାଲ୍ମୁକୁନ୍ଦକେନ୍ଦ୍ର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱାଧୀନତା ଦିବସ ଓ ଶ୍ରୀ ଅରବିନ୍ଦଙ୍କ ଜନ୍ମଦିନ ପାଳିତ ହୋଇଥିଲା। । ଏହି ଦିନ ରକ୍ଷା ବନ୍ଧନ ଉତ୍ସବ ଏବଂ ବଳଦେବ ଜୀଉଙ୍କ ଜନ୍ମ ଉତ୍ସବ ମଧ ପାଳିତ ହୋଇଛି। କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କୃପାଳୁ ଶିଶୁ ସାହିତ୍ୟ ଆସର ହୋଇଥିଲା। କେନ୍ଦ୍ର ଉପଦେଷ୍ଟା ରାଜକିଶୋର ପାଢୀ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ଅପନ୍ନା ପରିଚ୍ଛାଙ୍କ ପଣନାତି ମୂରଲୀଧର ପରିଚ୍ଛା ଯୋଗଦେଇ ଦେଶଭକ୍ତ ତଥା ନାଟ୍ୟକାର ଅପନ୍ନ ପରିଚ୍ଛାଙ୍କ କର୍ମମୟ ଜୀବନ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ପାଠାଗାରର ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନ, ବରିଷ୍ଠ ନାଗରିକ ସୁରେନ୍ଦ୍ର ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା ।

## ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ମୋହନା,୧୬।୮(ଡି.ଏନ୍.ଏ.)-** ଗଜପତି ଜିଲା ମୋହନା ଥାନା ପିଣ୍ଡିକି ପଞ୍ଚାୟତ ଲବେରମା ନିକଟସ୍ଥ ବାରାମା ପାହାଡର ଏକ ଗଛଡାଳରୁ ଦେଢମାସ ହେଲା ନିଖୋଜ ଥିବା ଜଣେ ଯୁବକଙ୍କ ଗଳିତ ମୃତଦେହ ମୋହନା ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ମୋହନା ହରିଜନ ସାହିର ଶ୍ୟାମ ସୁନ୍ଦର ସିଂ। ଜୁନ ୩୦ରୁ ସେ ନିଖୋଜ ଥିବାନେଇ ଜୁଲାଇ ୭ରେ ମୋହନା ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଗୁରୁବାର ବାରାମା ଜଙ୍ଗଲରେ କିଛି ଲୋକ ଗାଈ ଚରାଉଥିବାବେଳେ ପଥର ପାଖରେ ଗଳିତ ମୃତଦେହ ପଡିଥିବା ଦେଖିଥିଲେ। ଗାଈଚରାଳିମାନେ ଗାଁକୁ ଫେରି ଘଟଣା ସମ୍ପର୍କରେ କହିଥିଲେ। ଖବର ପାଇ ଶ୍ୟାମଙ୍କ ପରିବାର ଘଟଣାସ୍ଥଳକୁ ଯାଇ ଶ୍ୟାମ ପିନ୍ଧିଥିବା ପୋଷାକ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପ୍ରଭାତି ମହାରଣା ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲେ। ମୃତଦେହ ପଡିଥିବା ଉପରେ ଏକ ଗଛଡାଳରେ ଗାମୁଛା ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରୁଛି। ସାଇଣ୍ଟିଫିକ୍ ଟିମ୍ ଡକାଇ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି ମୋହନା ଥାନା ଅଧିକାରୀ ସୁଜିତ ନାୟକ। ତଦନ୍ତ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ରା.ଉଦୟଗିରି ଏସ୍ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଶ୍ୟାମଙ୍କ ପରିବାର ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି, ଶ୍ୟାମ ସୁନ୍ଦର ନିଖୋଜ ହେବାଦିନ ପିଣ୍ଡିକି ପଞ୍ଚାୟତ କୁମ୍ଭାରସାହି ପଟୁ ଭୋରୁ ଚାଲି ଚାଲି ଯାଉଥିବା ଉକ୍ତ ଅଞ୍ଚଳର କେତେଜଣ ଲୋକେ ଦେଖିଛନ୍ତି।

■ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# ପ୍ରତିଭାଧାରୀଙ୍କୁ ପାଇ ଏ ମାଟି ଧନ୍ୟ ହୋଇଛି

**ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.) –**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ଉଦ୍‌ବୋଧନରେ ଦେଶର ଅଖଣ୍ଡତା ତଥା ଆଭିମୁଖ୍ୟ ବିଷୟରେ କହିବା ସହ ଗଜପତି ଜିଲା ଏକ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିଲେ ମଧ ଏଠାରେ ଶାନ୍ତିଶୃଙ୍ଖଳା ବଜାୟ ରହିଥିବାରୁ ଏହାକୁ ସେ ପ୍ରଶଂସା କରିଥିଲେ । ସେହିପରି ଗତ ତିତ୍‌ଲି ମହାବାତ୍ୟାରେ ଭୟଙ୍କର କ୍ଷତି ହେବା ସତ୍ତ୍ୱେ ଜିଲା ପ୍ରଶାସନର ପ୍ରଚେଷ୍ଟା ଏବଂ ସାଧାରଣ ଲୋକଙ୍କ ସହଯୋଗ ଯୋଗୁ ପରିସ୍ଥିତିରେ ଶୀଘ୍ର ଉନ୍ନତି ଆସିଥିଲା ବୋଲି କହିଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅନ୍ୟତମ ବିଶ୍ୱକର୍ମା ତଥା ଏ ମାଟିର ଦରଦି ମଣିଷ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରତ୍ୟେକ ଉତ୍କଳୀୟମାନଙ୍କ ପ୍ରାତଃ ସ୍ମରଣୀୟ । ରାଜନୀତିଠାରୁ ଆରମ୍ଭ କରି ସମାଜସେବା ଓ କଳା, ସାହିତ୍ୟ ସଙ୍ଗୀତ ଓ ନାଟ୍ୟ ଜଗତର ଅନନ୍ୟ ପ୍ରତିଭାଧାରୀମାନଙ୍କୁ ପାଇ ଏମାଟି ଧନ୍ୟ ହୋଇଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ପ୍ରଥମେ ମୁଖ୍ୟଅତିଥି ଅଭିବାଦନ ଗ୍ରହଣ କରିବା ପରେ ପ୍ଲାଟୁନ କମାଣ୍ଡର ଉମ୍ମରୁଧରୁ ହନାଗାଙ୍କ ନେତୃତ୍ୱରେ ୨୬ ପ୍ଲାଟୁନ ପରେଡରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସର ବିଭିନ୍ନ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଏନ୍‌ସିସିର ଆର୍ମି ୱିଙ୍ଗସ୍, ନାଭାଲ ୱିଙ୍ଗସ୍ ସହ ଉଡାନ ତାଲିମ ନେଉଥିବା ପିଲାମାନେ ମଧ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠିତ ପରେଡରେ ଏନ୍‌ସିସି ବିଭାଗରେ ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟ ବିଜେତା ହୋଇଥିବାବେଳେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଉପବିଜେତା ହୋଇଥିଲା। ସାଧାରଣ ବର୍ଗରେ ସେଣ୍ଟ ଯୋଶେଫ ସ୍କୁଲର ବିଦ୍ୟାର୍ଥୀମାନେ ଓ ଜବହାର ନବୋଦୟ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦେମାତରମ ସହ ସହରର କେତେକ ସାଂସ୍କୃତିକ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫେନ୍ସି ଡ୍ରେସ୍ ପ୍ରତିଯୋଗିତା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନୁପମ ଶାହା, ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ ।



ଜିଲାସ୍ତରୀୟ ପରେଡରେ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି ।

# ଆକାଂକ୍ଷା ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ

**ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.) –**

ଗଜପତି ଜିଲାର ଅଗ୍ରଣୀ ମହିଳା ଅନୁଷ୍ଠାନ ଆକାଂକ୍ଷା ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ପୋଲିସ କାର୍ଯ୍ୟାଳୟ ପରିସରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ଟାରେ ପ୍ରତିଷ୍ଠାନ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା । ବୃକ୍ଷ ହିଁ ମନୁଷ୍ୟର ଜୀବନରକ୍ଷକ। ତେଣୁ ବୃକ୍ଷରୋପଣ ସହ ବୃକ୍ଷରେ ରାଖୀ ବନ୍ଧନ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଅପନା ମିଶ୍ର, ଡାକ୍ତର ମୁର୍ମୁ, ସୁଧାଂଶୁ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବାହ୍ନ ୧୧ଟାରେ ପାରଳାଖେମୁଣ୍ଡି ସ୍ଥିତ ପୋଲିସ କାର୍ଯ୍ୟାଳୟରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଏଏସ୍ଆଇ ପି.କେ. ତାରିଣୀ ଉପସ୍ଥିତ ଥିଲେ । ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ସଭାନେତ୍ରୀ ମୀନାକ୍ଷୀ ସାହୁ, ସମ୍ପାଦିକା ମୀନା କୁମାରୀ ଟହଲ, ଉପସଭାପତି ଅନିତା ମିଶ୍ର, ତନୁଜା ଶତପଥୀ, ପ୍ରଫୁଲ ବେବର୍ତ୍ତା, ସୁଜାତା ପାଢୀ, ସୌଦାମିନୀ ମହାକୁଡ, ସତ୍ୟବତୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।



ଆକାଂକ୍ଷା ପକ୍ଷରୁ ବୃକ୍ଷରୋପଣ କରାଯାଉଛି ।

# ମୃତକଙ୍କୁ ବଞ୍ଚାଇବାକୁ ଶ୍ମଶାନରେ ପୂଜାପାଠ

**କବିସୂର୍ଯ୍ୟନଗର,୧୬।୮**

ଡାକ୍ତର ମୃତ ଘୋଷଣା କଲେ, ମାତ୍ର ମାନିଲେନି ବନ୍ଧୁ ପରିଜନ। ବଞ୍ଚାଇବାକୁ ଗୁଣିଆର ସହାୟତା ନେଲେ। ମୃତ୍ୟୁର ୧୬ ଘଣ୍ଟା ପର୍ଯ୍ୟନ୍ତ ମୃତଦେହ ରଖି ଚାଲିଲା ପୂଜାପାଠ। ଶେଷରେ ଗୁଣିଆ ଚତୁରତାର ସହ ଚମ୍ପଟ ମାରିଲା ଗ୍ରାମବାସୀଙ୍କ ଆଖିରେ ଧୁଳିଦେଇ। ସବୁ କିଛି ଘଟଣା ଥାନାର ୨ କିମି ଦୂରରେ ଘଟିଥିଲେ ବି ପୋଲିସ ପାଖରେ କିଛି ଖବର ନଥିଲା। ଏପରି ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ। ପ୍ରକାଶ ଯେ, ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି କେନ୍ଦୁପାଟଣା ସାହିର କୃଷ୍ଣଚନ୍ଦ୍ର ଜେନା (୩୬)। ପେଶାରେ ଜଣେ ଅଟୋ ଡ୍ରାଇଭର। ଗୁରୁବାର ରାତି ପ୍ରାୟ ୮ଟାରେ ପେଟରେ ଯନ୍ତ୍ରଣା ହେବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାତ୍ର ଶ୍ୱଶୁର ଘର ଲୋକେ କେହି ଗୁଣିଗାରେଡି କରି ମାରି ଦେଇଥିବା ସନ୍ଦେହ କରି ବଞ୍ଚାଇବାକୁ ଉଦ୍ୟମ କରିଥିଲେ। କୃଷ୍ଣଚନ୍ଦ୍ରଙ୍କ ଶ୍ୱଶୁର ଘର ଶେରଗଡ଼ ନିକଟ ଇନ୍ଧନପୁର। ସେହି ଅଞ୍ଚଳର ଜଣେ ଗୁଣିଆକୁ ଶୁକ୍ରବାର ଆଣି ଗାଁ ଶ୍ମଶାନରେ ପହଞ୍ଚିଥିଲେ ଶ୍ୱଶୁର ଘର ଲୋକ। ସେଠାରେ ପୂଜାପାଠ ଆରମ୍ଭ ହେଲା ଗୁଣିଆ ଦ୍ୱାରା। ଅପରାହ୍ନ ୩ଟା ପର୍ଯ୍ୟନ୍ତ। କୌଣସି ଉନ୍ନତି ନ ହେବାରୁ ଗ୍ରାମବାସୀ ଗୁଣିଆକୁ ଘେରାଉ କରିଥିଲେ। ତାର ନାମ, ଠିକଣା ପଚାରିଲେ ଗ୍ରାମବାସୀ। କାବୁ କରି ବାନ୍ଧିବାକୁ ଉଦ୍ୟମ କରିବାବେଳେ ଚତୁରତାର ସହ ସେ ଚମ୍ପଟ ମାରିଥିଲା। ତାପରେ ମୃତଦେହ ସଂସ୍କାର କରାଯାଇଥିବା ଜଣାପଡ଼ିଛି। ଦୀର୍ଘ ସମୟ ଶ୍ମଶାନରେ ଗୁଣିଆର ପୂଜାପାଠ ଓ ୧୬ ଘଣ୍ଟା ମୃତଦେହ ରହିଥିଲେ ମଧ ପୋଲିସ ନାଁ ଖବର ପାଇଲା ନାଁ ଗୁଣିଆକୁ ଧରି ପାରିଲା।

## ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ହତ୍ୟା

**ଧରାକୋଟ,୧୬।୮(ଡି.ଏନ.ଏ.)**

ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ଶୁଣ୍ଡିପଲ୍ଲୀ ଗ୍ରାମରେ ଶୁକ୍ରବାର ଅପରାହ୍ନରେ କେତେଜଣ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହେଶ୍ୱର ବିଶୋଇଙ୍କ ପୁଅ କୃଷ୍ଣଚନ୍ଦ୍ର (୨୫)। କୃଷ୍ଣଚନ୍ଦ୍ର ସମ୍ପର୍କୀୟ ଜେଜେ ବାପା ଶଶିଙ୍କ ପିଣ୍ଡାରେ ବସି ମୋବାଇଲ ଦେଖୁଥିବା ବେଳେ ୩ ଜଣ ବ୍ୟକ୍ତି ଖଣ୍ଡା ଓ ଭୁଜାଲି ଦ୍ୱାରା ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପରେ କୃଷ୍ଣ ମରିଗଲା ଭାବି ସେମାନେ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ପରିବାର ଲୋକେ କୃଷ୍ଣଙ୍କୁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନ, ବଡ଼ଗଡ଼ ଥାନାଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ମିଳିଥିବା ବିବରଣୀ ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

## ଟ୍ରକ ଧକ୍କାରେ ବ୍ୟବସାୟୀ ମୃତ

**କନିଷି,୧୬।୮(ଡି.ଏନ.ଏ.)**

୧୬ ନଂ ଜାତୀୟ ରାଜପଥର ହଳଦିଆପଦର ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହଳଦିଆପଦର ଗ୍ରାମର ସୁରେନ୍ଦ୍ର କୁମାର ପୁରୋହିତ। ସୁରେନ୍ଦ୍ର କନିଷିରେ ଥିବା ତାଙ୍କ ହୋଟେଲ ବନ୍ଦ କରି ନିଜ ଗାଡିରେ ଘରକୁ ଫେରୁଥିବା ବେଳେ ଆନ୍ଧ୍ରପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା।

# ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ

**ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ରାମଗିରିସ୍ଥିତ ଡ.ବି.ଆର୍. ଆମ୍ବେଡକର ଜାତୀୟ ସ୍ନାତକ ମହାବିଦ୍ୟାଳୟଠାରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତାରିଣୀ ଚରଣ ଗୌଡ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାପକ ରାମଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବନମାଳୀ ଶବର ସଦସ୍ୟା ସଚଳା କାର୍ଜି, କିଶୋର ଚନ୍ଦ୍ର ପ୍ରଧାନ, ଧନମଣି ରଇତ, ସଂଗ୍ରାମ କିଶୋର ବଡମୁଣ୍ଡି, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପାରଳାଖେମୁଣ୍ଡି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେତାଗୁଡାସ୍ଥିତ ଜବହାର ନବୋଦୟ ବିଦ୍ୟାଳୟ, ଗାନ୍ଧୀ ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସେହିପରି ବିଭିନ୍ନ ରାଜନୈତିକ ଦଳପକ୍ଷରୁ ମଧ ସ୍ୱାଧୀନତା ଦିବସ ପାଳନ ହୋଇଥିଲା ।

# ସ୍ୱାଧୀନତା ଦିବସ ପାଳିତ

**ଗୁମ୍ମା, ୧୬।୮–**

ଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଗଜେନ୍ଦ୍ର ଗମାଙ୍ଗ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ବିଡିଓ ନଟବର ଗରଡ଼ା, ସିଡ଼ିପିଓ ଅନିତା ରାଣୀ ପଟ୍ଟନାୟକ, ବ୍ଲକ ଅଧକ୍ଷ ଗଜେନ୍ଦ୍ର ଗମାଙ୍ଗ, ଜିଲ୍ଲା ପରିଷଦ ହିମାଂଶୁ ଲିମ୍ମା ଏବଂ ବିଭିନ୍ନ ଅନୁଷ୍ଠାନ ର ଛାତ୍ରୀଛାତ୍ରଙ୍କ ସମେତ ଅଙ୍ଗନୱାଡ଼ିର କୁନି କୁନି ଶିଶୁ ଏବଂ ଅଞ୍ଚଳର ବହୁ ନାମିଦାମୀ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତିଚାରଣ କରାଯାଇଥିଲା ।

# ବାଜପେୟୀଙ୍କ ତିରୋଧାନ ଦିବସ



ଅତିଥିମାନେ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

**ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଏର୍ଦଲାସାହିସ୍ଥିତ ଭାଜପା କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବାଜପାୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମସ୍ତ ଜିଲାସ୍ତରୀୟ ନେତା ତାଙ୍କର ସ୍ମୃତିଚାରଣ କରିଥିଲେ । ଅନୁଷ୍ଠିତ ସ୍ମୃତିସଭାରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଯୋଗଦେଇ ସ୍ୱର୍ଗତ ବାଜପାୟୀ ଜଣେ ମହାନ ନେତା ଥିଲେ। ତାଙ୍କ ମାର୍ଗରେ କର୍ମୀମାନେ ପରିଚାଳିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ପି.କ୍ରିଷ୍ଣା, ଶ୍ୟାମସୁନ୍ଦର ପାଣିଗ୍ରାହୀ,ଏମ୍.ଗୋପାଳ ରାଓ, ସିଦ୍ଧେଶ୍ୱର ମିଶ୍ର, ଜମିଦାର ପଟ୍ଟନାୟକ, ଜଗନ୍ନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦଳୀୟ କାର୍ଯ୍ୟକ୍ରମରେ ପରିଣତ ହେଲା ପୋଷାକ ବର୍ଣ୍ଟନ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.) –**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ୱାର୍ଡ ନମ୍ବର–୩ଠାରେ ଥିବା ଡ.ସତ୍ୟ ନାରାୟଣ ରାଜଗୁରୁ ପ୍ରାଥମିକ ବିଦ୍ୟାଳୟରେ ଗତ ୧୦।୮।୨୦୧୯ରେ ଅନୁଷ୍ଠିତ ପୋଷାକ ବିତରଣ କାର୍ଯ୍ୟକ୍ରମରେ ରାଜନୀତି କରାଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେମାନେ ଏହି ମର୍ମରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ପଟ୍ଟନାୟକ ସରକାରଙ୍କ ସମସ୍ତ ଆଇନ ଉଲ୍ଲଂଘନ କରି ଉକ୍ତ କାର୍ଯ୍ୟକ୍ରମକୁ ଏକ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଥିବା ସ୍ଥାନୀୟ ବାସିନ୍ଦା ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଅନ୍ୟତମ ଅତିଥି ରୂପେ ବିଭୂତି ଭୂଷଣ ବେହେରା, ପି.କ୍ରିଷ୍ଣା, ନୃସିଂହ ଚରଣ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ୩ ଜଣ ଅନ୍ୟତମ ଅତିଥି ସରକାରୀ ସ୍ତରରେ କୌଣସି ଜନପ୍ରତିନିଧି କିମ୍ବା ଅଭିଭାବକ ନ ଥିବାବେଳେ ଭାଜପାର ନେତୃବୃନ୍ଦ ଥିଲେ । ସେମାନଙ୍କୁ କେଉଁ ଆଧାରରେ ସଭାମଞ୍ଚରେ ଅତିଥି ରୂପେ ନିମନ୍ତ୍ରଣ କରାଯାଇଥିଲା ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରାଧାଗୋବିନ୍ଦ ପଣ୍ଡା ଅନେକ ଦିନ ହେଲା ଅବସର ନେଇଥିଲେ ମଧ ବିଦ୍ୟାଳୟର ସମସ୍ତ କାର୍ଯ୍ୟରେ କିପରି ହସ୍ତକ୍ଷେପ କରୁଛନ୍ତି ସେ ବିଷୟରେ ମଧ ଅଭିଯୋଗରେ ଉଲ୍ଲେଖ ହୋଇଛି । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଭିଭାବକ ପ୍ରତିନିଧିଙ୍କୁ ମଧ ନିମନ୍ତ୍ରଣ କରାଯାଇନାହିଁ । ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# ଅତଡା ଧସି ବୁଜୁଲି ଗ୍ରାମକୁ ଯାତାୟାତ ବନ୍ଦ

**ଦାରିଙ୍ଗବାଡ଼ି,୧୬।୮(ଡି.ଏନ.ଏ)**

■ ସପ୍ତାହେ ବିତିଲା ପହଞ୍ଚିଲାନି ପ୍ରଶାସନ

■ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ମାଟି ଅତଡା ଧସି ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ହାତୀମୁଣ୍ଡା ପଞ୍ଚାୟତର ବୁଜୁଲି ଗ୍ରାମକୁ ଗତ ଏକ ସପ୍ତାହ ହେଲା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସପ୍ତାହେ ବିତିଥିଲେ ମଧ ପ୍ରଶାସନ ଏପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚିନାହିଁ। ଫଳରେ ବୁଜୁଲି ଗ୍ରାମର ଶହ ଶହ ଲୋକ ନାହିଁ ନଥିବା ହଇରାଣ ଭୋଗୁଛନ୍ତି। ମାଓବାଦୀ ପ୍ରବଣ ବୁଜୁଲି ଗାଁର ବିକାଶ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗାଁକୁ ପକ୍କାରାସ୍ତା ନିର୍ମାଣ କରାଯାଇଥିଲା। ପାହାଡ଼ ଉପରମୁଣ୍ଡରେ ଗ୍ରାମଟି ରହିଥିବାରୁ ପାହାଡ଼ର ଦୁଇପାର୍ଶ୍ୱ କଟାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ପାହାଡ଼ କଟାଯିବା ପରେ ଦୁଇପାର୍ଶ୍ୱରେ ପଥର ଗାର୍ଡ଼ୱାଲ କରାଯାଇନଥିଲା। ଫଳରେ ଚଳିତ ଲଗାଣ ବର୍ଷାରେ ପାହାଡ଼ରୁ ମାଟି ଅତଡ଼ା ପଥର ଧସି ରାସ୍ତା ଉପରେ ଗଦା ହୋଇରହିଛି। ଗାଡ଼ିମୋଟର ତ ଦୂରର କଥା ପାଦରେ ଚାଲିଯିବା ମଧ ସମ୍ଭବ ହେଉ ନ ଥିବା ଅଞ୍ଚଳର ସୀମାଞ୍ଚଳ ପାତ୍ର କହିଛନ୍ତି। ପୂର୍ବରୁ ତିତ୍‌ଲି ବାତ୍ୟା ସମୟରେ ମଧ ଉକ୍ତ ରାସ୍ତାରେ ଭୂସ୍ଖଳନ ଯୋଗୁ ଯାତାୟାତରେ ବାଧାସୃଷ୍ଟି ହୋଇଥିଲା। ତୁରନ୍ତ ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ ନକଲେ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ସୁବୁଦ୍ଧିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗତ ତିତ୍‌ଲି ବାତ୍ୟାର ଅନୁଦାନ ମଗାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅନୁଦାନ ମିଳିନାହିଁ। ଏବେ ଯେଉଁ ଭୂସ୍ଖଳନ ହୋଇଛି ସେଥିପାଇଁ ୧ଲକ୍ଷ ଟଙ୍କା ଅନୁଦାନ ମଗାଯାଇଛି, ଆସିଲେ କାମ କରାଯିବ।



ବୁଜୁଲି ରାସ୍ତାରେ ଭୂସ୍ଖଳନ ଯୋଗୁ ଅବରୋଧ ହୋଇ ରହିଛି।

# ସ୍ୱାଧୀନତା ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

**ପାରଳାଖେମୁଣ୍ଡି, ୧୬।୮ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମଠାରେ ସ୍ୱାଧୀନତା ଦିବସ ଅବସରରେ ଜିଲା ପ୍ରେସ୍ ଏକାଦଶ ଏବଂ ଜିଲାପାଳ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରିକେଟ ମ୍ୟାଚରେ ଜିଲାପାଳଙ୍କ ଏକାଦଶ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୫ ଓଭରରେ ୮୯ରନ୍ ସଂଗ୍ରହ କରିଥିଲା। ଜିଲାପାଳ ଅନୁପମ ଶାହା ସର୍ବାଧିକ ୨୨ରନ୍ ସଂଗ୍ରହ କରିଥିଲେ । ପ୍ରେସ ଏକାଦଶ ପକ୍ଷରୁ ଦିଲ୍ଲୀପ ଶତପଥୀ ବୋଲିଂ କରି ୬ଟି ଉଇକେଟ ଅକ୍ତିଆର କରିଥିଲେ ମଧ ମ୍ୟାଚକୁ ଜିଲାପାଳଙ୍କ ଏକାଦଶ ଦଳ ୩୫ରନ୍ ଜିତି ନେଇଥିଲେ । ମ୍ୟାଚକୁ ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।